ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.248 Bhubaneswar Sunday November 12 2023 | ୨୬ତମ ବର୍ଷ ସଂଖ୍ୟା-୨୪୮ ଭୁବନେଶ୍ୱର, ରବିବାର, ନଭେମ୍ବର ୧୨, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବିଜେଡିର 'ଶଙ୍ଖ' ଚିହ୍ନ ଉପରେ କଟକଣା ଦାବି, ଇସିଙ୍କୁ ଫେରାଦ ହେଲା ବିଜେପି

ଭୁବନେଶ୍ୱର,୧୧।୧୧(ପି.ଏନ): ବିଜେଡିର ଦଳୀୟ ଚିହ୍ନ 'ଶଙ୍ଖ' ଉପରେ କଟକଣା ଲଗାଇବାକୁ ବିଜେପି ଦାବି କରିଛି । ଏନେଇ ନିର୍ବାଚନ କମିଶନଙ୍କ ନିକଟରେ ଲିଖିତ ଅଭିଯୋଗ କରିଛି ବିଜେପି। ଆଜି ଏ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି କହିଛନ୍ତି ଯେ ବିଜେଡି କ୍ରମାଗତ ଭାବେ ନିଜର ଦଳୀୟ ଚିହ୍ନ (ଶଙ୍ଖ)କୁ ସରକାରୀ କାର୍ଯ୍ୟକ୍ରମରେ ଏବଂ ବିଭିନ୍ନ ଗଣମାଧ୍ୟମର ବିଜ୍ଞାପନ, ରାସ୍ତାରେ ହୋର୍ଡିଂ, ବସରେ ପୋଷ୍ଟରମାରି ପ୍ରଚାର ପ୍ରସାର କରୁଛି।ଶାସକ ଦଳ ଦ୍ୱାରା ସରକାରୀ କାର୍ଯ୍ୟକ୍ରମରେ ଦଳୀୟ ଚିହ୍ନର ଦୁରୁପଯୋଗକୁ ନେଇ ବିଜେପିର ଏକ ପ୍ରତିନିଧି ଦଳ ନଭେମ୍ବର ୧୦ତାରିଖରେ ନୂଆଦିଲ୍ଲୀସ୍ଥିତ ଜାତୀୟ ନିର୍ବାଚନ ଆୟୋଗଙ୍କୁ ଫେରାଦ ହୋଇ ଏକ ଦାବିପତ୍ର ଦେଇଛନ୍ତି । ଓଡିଶାର ସାଧାରଣ ଜନତାଙ୍କ ଶହ ଶହ କୋଟି ଟଙ୍କାକୁ ବିଜେଡି ସରକାର ନିଜର ରାଜନୈତିକ ଉଦ୍ଦେଶ୍ୟରେ ଖର୍ଚ୍ଚ କରିଛି। 'ଆଚରଣ ବିଧି' ଅନୁସାରେ କୌଣସି ରାଜନୈତିକ ଦଳ ନିଜର ଦଳୀୟ ଚିହ୍ନକୁ ସରକାରୀ ବିଜ୍ଞାପନ ଓ କାର୍ଯ୍ୟକ୍ରମରେ ବ୍ୟବହାର କରିପାରିବେ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ଥିଲେ ମଧ୍ୟ ବିଜେଡି ଏହାକୁ ବାରମ୍ବାର ଉଲ୍ଲଙ୍ଘନ କରୁଛି । ସାଧାରଣ ଜନତାଙ୍କ ଟଙ୍କାକୁ କୌଣସି ରାଜନୈତିକ ଦଳ ନିଜର ପ୍ରଚାର ପ୍ରସାର କରିନପାରିବା ନେଇ 'କମନକଜ୍ ଭରସେସ୍ ୟୁନିୟନ ଅଫ ଇଣ୍ଡିଆ-୨୦୧୫' ମାମଲାରେ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ରାୟ ରହିଛି । ଯଦି କୌଣସି ରାଜନୈତିକ ଦଳ ନିର୍ବାଚନ ଆଚରଣ ବିଧିକୁ ଉଲଘଂନ କରନ୍ତି ତେବେ ଇଲେକ୍ସନ ସିମ୍ବଲ(ରିଜରଭେସନ ଆଣ୍ଡ୍ ଆଲଟମେଂଟ) ଅର୍ଡର ୧୯୬୮ ପାରା ୧୬-ଏ ଅନୁଯାୟୀ ଦଳୀୟ ଚିହ୍ନକୁ ବାତିଲ କରିବା ପାଇଁ ନିର୍ବାଚନ ଆୟୋଗ ପାଖରେ କ୍ଷମତା ଅଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## କେନ୍ଦୁଝରରେ ଦନ୍ତା ହାତୀ ମୃତ୍ୟୁ ଘଟଣାରେ ୫ ଶିକାରୀ ଗିରଫ

ଭୁବନେଶ୍ୱର,୧୧।୧୧(ପି.ଏନ): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ଭାଡିମରା ଗାଁ ପାଖରେ ଗତକାଲି ବିଦ୍ୟୁତ୍ ଆଘାତରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟଣାରେ ବନ ବିଭାଗ ୫ ଜଣ ଶିକାରୀଙ୍କୁ ଗିରଫ କରିଛି ।ଗିରଫ ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି- ରୁଗୁଡ଼ି ଗାଁର ସନ୍ତୋଷ ମୁଣ୍ଡା, ଜନସନପୁର ଗାଁର ମିଥୁନ ପଧାନ, ପୁଟରୁ ପଧାନ, ସୁଦର୍ଶନ ମୁଣ୍ଡା ଓ ଜିତୁ ମୁଣ୍ଡା। ଆଜି ଅଭିଯୁକ୍ତମାନଙ୍କୁ ଘଟଣାସ୍ଥଳକୁ ନିଆଯାଇ ସିନ୍ ରିକ୍ରିଏସନ୍ କରାଯାଇଥିଲା।ଏହି ଶିକାରୀମାନେ ବାରହା ଶିକାର କରିବା ପାଇଁ ବିଦ୍ୟୁତ୍ ପ୍ରବାହିତ ତାର ବିଛାଇ ଥିଲେ। ଘଟଣାସ୍ଥଳରୁ ପ୍ରାୟ ୧ କିଲୋମିଟର ଦୂରରେ ଜଙ୍ଗଲ ମଝିରେ ଥିବା ଏକ ୧୧ କେଭି ବିଦ୍ୟୁତ୍ ତାରରେ ହୁକ ପକାଇ ସେମାନେ ବିଦ୍ୟୁତ୍ ସଂଯୋଗ କରିଥିଲେ। ବାରହା ଶିକାର କରିବା ପାଇଁ ସେମାନେ ଶୁଖିଲା କାଠ ଓ କାଚ୍ ବୋତଲ ସାହାଯ୍ୟରେ କେମିତି ସେଠାରେ ବିଦ୍ୟୁତ୍ ତାର ବିଛାଇଥିଲେ, ତା'ର ଡେମୋ କରି ଆଜି ଦେଖାଇଥିଲେ।

## ୧୪ରେ ଲଘୁଚାପ !

ଭୁବନେଶ୍ୱର,୧୧।୧୧(ପି.ଏନ): ଆସନ୍ତା ୧୪ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆଜି ଏନେଇ ସୂଚନା ଦିଆଯାଇଛି।ଏହି ସୂଚନା ଅନୁଯାୟୀ, ନଭେମ୍ବର ୧୪ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପରବର୍ତ୍ତୀ ସମୟରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ୧୬ ତାରିଖ ବେଳକୁ କେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ବଙ୍ଗୋପସାଗର ଅଞ୍ଚଳରେ ଆହୁରି ଘନୀଭୂତ ହୋଇ ଏକ ଅବପାତର ରୂପ ନେବାର ସମ୍ଭାବନା ରହିଛି।ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି, ଗତ ୨୪ ଘଣ୍ଟାର ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି। ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ପାଣିପାଗର ପ୍ରଭାବ ରାଜ୍ୟ ଉପରେ ନାହିଁ।

## ଜଳିଗଲା ଅନେକ ହାଉସ ବୋଟ୍, ୩ ପର୍ଯ୍ୟଟକ ଜୀବନ୍ତ ଦଗ୍ଧ



ଶ୍ରୀନଗର,୧୧।୧୧(ପି.ଏନ): ଶ୍ରୀଗନରର ଡାଲ ଲେକ୍‌ରେ ଆଜି ବଡ ଅଘଟଣ ଘଟିଛି। ଏଠାରେ ଥିବା ଅନେକ ହାଉସ ବୋଟ୍ ନିଆଁରେ ପୋଡି ପାଉଁଶ ହୋଇଯାଇଛି। ଏହି ପୋଡା ହାଉସ ବୋଟ ଭିତରୁ ୩ ଜଣ ପର୍ଯ୍ୟଟକଙ୍କ ମୃତଦେହ ମିଳିଛି। ପ୍ରଶାସନ ଏବେ ମୃତକଙ୍କ ପରିଚୟ ଖୋଜିବାରେ ଲାଗିଛି।୩ ମୃତକଙ୍କ ମଧ୍ୟରୁ ଜଣେ ପୁରୁଷ ଓ ଜଣେ ମହିଳା। ହେଲେ ତୃତୀୟ ମୃତକଙ୍କ ଲିଙ୍ଗ ଏଯାଏ ଜଣାପଡିନି। କାରଣ ନିଆଁରେ ମୃତଦେହ ଗୁଡିକ ପୂରା ପୋଡି ଯାଇଛି। ସେହିପରି ଅଗ୍ନିକାଣ୍ଡ ଯୋଗୁ କୋଟି କୋଟି ଟଙ୍କାର ସମ୍ପତ୍ତି ମଧ୍ୟ ନଷ୍ଟ ହୋଇଛି। ନିଆଁରେ ୫ଟି ହାଉସ ବୋଟ ଓ ଏହାକୁ ଲାଗି ରହିଥିବା ସମାନ ସଂଖ୍ୟକ ମାଟିର ଘର ମଧ୍ୟ ପାଉଁଶ ହୋଇଯାଇଛି।







## ଏକ୍ସପ୍ରେସ୍ ଟ୍ରେନ୍ ଉଦଘାଟନ ପରେ ରେଳରେ ବାଦାମପାହାଡରୁ ରାଇରଙ୍ଗପୁର ଯାତ୍ରା କରିବେ ରାଷ୍ଟ୍ରପତି



ସମ୍ବଲପୁର,୧୧।୧୧(ପି.ଏନ): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୦ ତାରିଖରୁ ତିନି ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ୨୦ ନଭେମ୍ବର ରାଷ୍ଟ୍ରପତି ଭବନରୁ ଦିଲ୍ଲୀ ବିମାନବନ୍ଦରରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ପଡ?।ଶୀ ପଶ୍ଚିମବଙ୍ଗର କଲେଇକୁଣ୍ଡା ବିମାନବନ୍ଦର ପହଞ୍ଚିବେ। ସେଠାରୁ ଏକ ହେଲିକେପ୍ଟର ଯୋଗେ ଅପରାହ୍ନ ୧.୫୫ ମିନିଟରେ ବାରିପଦା ଅଭିମୁଖେ ବାହାରିବେ। ସେଠାରେ ସେ ସହିଦ୍ ସ୍ମୃତି ଭବନରେ ସାନ୍ତାଳୀ ଲେଖକ ସଂଘର ସମ୍ମିଳନୀ ଓ ସାହିତ୍ୟ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବେ। ଗସ୍ତର ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ୩ଟି ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ। ଏହି ଅବସରରେ ସେ ବାଦାମପାହାଡରୁ ରାଇରଂଗପୁର ଯାଏଁ ଟ୍ରେନ୍‌ରେ ଯାତ୍ରା କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି।

### ଅଭିନନ୍ଦନ

ପବିତ୍ର ଦୀପାବଳୀ ଉପଲକ୍ଷେ ଆମର ଅଗଣିତ ପାଠକ-ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ ସ୍ୱପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। **-ସମ୍ପାଦକ**

## ବନ୍ଧା ହେଲେ ଛାତ୍ର ବେଶରେ ରହୁଥିବା ୬ ସନ୍ଦିଗ୍ଧ ଆଇଏସଆଇଏସ୍ ଆତଙ୍କୀ



ଉତ୍ତର ପ୍ରଦେଶ,୧୧।୧୧ (ପି.ଏନ): ଉତ୍ତର ପ୍ରଦେଶର ବିଭିନ୍ନ ସ୍ଥାନରୁ ଆତଙ୍କବାଦ ନିରୋଧ ସ୍କ୍ୱାଡ ବା ଏଟିଏସ୍ ୬ ଜଣ ସନ୍ଦିଗ୍ଧ ଆଇଏସ୍ଆଇଏସ୍ ଆତଙ୍କବାଦୀଙ୍କୁ ଗିରଫ କରିଛି। ଗିରଫ ୬ ଜଣଙ୍କ ମଧ୍ୟରୁ ୪ ଜଣଙ୍କ ପରିଚୟ ମିଳିଛି।ସେମାନେ ହେଲେ ରକିବ ଇନାମ, ନାଭେଦ ସିଦ୍ଦିକୀ, ମହମ୍ମଦ ନୋମାନ ଓ ମହମ୍ମଦ ନଜିମ। ଏମାନେ ସମସ୍ତେ ଛାତ୍ର ଭାବେ ସମସ୍ତଙ୍କୁ ପରିଚୟ ଦେଉଥିବା ବେଳେ ବାସ୍ତବରେ ଆଇଏସ୍ଆଇଏସ୍ ପାଇଁ କାମ କରୁଥିବା ଅଭିଯୋଗ ହୋଇଛି।

### ଛୁଟି ଘୋଷଣା

ପବିତ୍ର ଦୀପାବଳୀ ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ନଭେମ୍ବର ୧୨ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୪ ତାରିଖରେ ପ୍ରକାଶ ପାଇବ ।

**-ପ୍ରକାଶକ**



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ନଭେମ୍ବର ୧୨

# ନାମ ସଂକୀର୍ତ୍ତନ ଓ ସାଇ ଅଖଣ୍ଡ ଭଜନ


ଡକ୍ଟର ରାଜକିଶୋର ମିଶ୍ର

ଆମ୍ଭ ମାନଙ୍କର ପ୍ରତିଦିନର ଜୀବନ ଧର୍ମ ଭିତରେ ଶ୍ରେଷ୍ଠ କର୍ତ୍ତବ୍ୟ ହେଉଛି ଭଗବାନଙ୍କ ପବିତ୍ର ନାମ ସ୍ମରଣ। ଆମ୍ଭ ମାନଙ୍କ ସବୁ ଚିନ୍ତନ ଓ କାର୍ଯ୍ୟ ଭିତରେ ଭଗବାନଙ୍କର ଅଖଣ୍ଡ ନାମ ଚିନ୍ତନ ହିଁ ଶ୍ରେଷ୍ଠ ଜୀବନଧର୍ମ। ଭଗବାନ ଶ୍ରୀ ସତ୍ୟସାଇ ବାବା ଥରେ ଏକ ଦିବ୍ୟ ସମ୍ଭାଷଣରେ ମାର୍ଗଦର୍ଶନ କରି କହିଥିଲେ ଯେ କେବଳ ମୋର ନାମ ପ୍ରଚାର ପାଇଁ ଶ୍ରଦ୍ଧା ସଂଗ୍ରହ ନିମିତ୍ତ ସେବା ସମିତି ବା ସଂଗଠନ ଗୁଡ଼ିକ ସେମାନଙ୍କର କାର୍ଯ୍ୟଭାବେ ଭାବିବା ଅନୁଚିତ। କେବଳ ଆନନ୍ଦ ଓ ଆଗ୍ରହରେ ନାମ ସ୍ମରଣ ହିଁ ଓ ସେବାଧର୍ମ ହିଁ ସାଇ ଚିନ୍ତନ। ସେ ହେଉଛନ୍ତି ସର୍ବନାମ ଓ ଗୁଣର ପରିମାପକ। ଭଗବାନଙ୍କ ଦିବ୍ୟ ଉପସ୍ଥିତି ଆମେ ଆମ୍ଭେମାନଙ୍କର ନିତିଦିନିଆ ଜୀବନରେ ସମସ୍ତେ ଅନୁଭବ କରୁଛୁ। ଭାରତୀୟ ଆଧ୍ୟାତ୍ମିକ ଦର୍ଶନର ମହାନଶିକ୍ଷା ଆମ୍ଭ ମାନଙ୍କୁ ଭଗବାନଙ୍କ ପବିତ୍ର ନାମ ଉଚ୍ଚାରଣ କଲେ ମନ ପବିତ୍ର ହୋଇଥାଏ ବୋଲି ମାର୍ଗ ଦର୍ଶନ କରିଛି। ପ୍ରତ୍ୟେକଙ୍କ ଭିତରେ ଭଗବାନ ଅଛନ୍ତି । ତେଣୁ ପ୍ରତିଟି ବ୍ୟକ୍ତି ସତ୍ତାଙ୍କୁ ସମ୍ମାନ ଓ ସେବା ପ୍ରଦାନ ହେଉଛି ଆମ୍ଭମାନଙ୍କର ମାନବୀୟ ମୂଲ୍ୟବୋଧ । ଭଗବାନ ସତ୍ୟସାଇ ବାବା କହିଥିଲେ ଯେ ମୋ ଜୀବନ ହେଉଛି ମୋ ସନ୍ଦେଶ । ସେହିପରି ବାବା ଆହୁରି ମଧ୍ୟ କହିଥିଲେ – 'ତୁମେ ଯଦି ମୋ ଜୀବନ ତୁମକୁ ପ୍ରେରିତ କରୁଥିବା ନିରପେକ୍ଷ, ଶାନ୍ତି, ସାହାସ, ଆସ୍ଥା ଓ ଅସହାୟ ମାନଙ୍କର ସେବା କରିବା ପାଇଁ ଆଗ୍ରହର ପ୍ରମାଣ ବହନ କରୁଥିବା ଜୀବନଯାପନ କର ତେବେ ତୁମେ ମୋ ସନ୍ଦେଶର ଅନୁଶୀଳନ କରିବ ।'

ଭଗବାନ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ମାର୍ଗ ନିର୍ଦ୍ଦେଶିତ ଶ୍ରୀ ସତ୍ୟସାଇ ସେବା ସଂଗଠନ ପ୍ରତି ବର୍ଷ ନଭେମ୍ବର ଦ୍ୱିତୀୟ ଶନିବାର ଓ ରବିବାର (ଚଳିତ ବର୍ଷ ଏହା ୧୧ ଓ ୧୨ ତାରିଖ) ଦୁଇ ଦିନ ଚବିଶ ଘଣ୍ଟା ଧରି ଅଖଣ୍ଡ ନାମ ସଂକୀର୍ତ୍ତନରେ ସାଇ ଆଶ୍ରିତମାନେ ନିମଜ୍ଜିତ ହୋଇଥାନ୍ତି । ଭାରତ ଓ ସମଗ୍ର ବିଶ୍ୱରେ ଥିବା ସମସ୍ତ ସାଇ ମନ୍ଦିର ଓ ସଂଗଠନର ଶାଖା ଅନୁଷ୍ଠାନ ମାନଙ୍କରେ ଚବିଶ ଘଣ୍ଟା ବ୍ୟାପୀ ଅହର୍ନିଷ ଅଖଣ୍ଡ ନାମ ସଂକୀର୍ତ୍ତନ ହୋଇଥାଏ। ପବିତ୍ର ସାଇ ଭଜନ ସାଇ ଆଶ୍ରିତ ଅଗ୍ରଗାୟକ ଓ ଅଗ୍ରଗାୟିକାମାନେ ଏଥିରେ ଯୋଗଦାନ କରି ବିଭିନ୍ନ ଭଜନ ଗାନ କରିଥାନ୍ତି ଓ ସାଇ ଆଶ୍ରିତ ତଥା ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ ମଧ୍ୟ ଏଥିରେ ଯୋଗଦାନ କରିଥାନ୍ତି। ବାଳବିକାଶ ଛାତ୍ରଛାତ୍ରୀ ପିଲାମାନେ ମଧ୍ୟ ଭଜନ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହ ଏଥିରେ ଆଧ୍ୟାତ୍ମିକ ଆନନ୍ଦ ପାଇଥାନ୍ତି। ଆମ ମାନଙ୍କର ବ୍ୟକ୍ତିଗତ ଜୀବନ ଭିତରେ ନାମ ସ୍ମରଣର ଯେଉଁ ସେବା ଧର୍ମ ଆମେ ପ୍ରତିଦିନ ନିର୍ବାହ କରିଥାଉ ଏହି ନାମ ସ୍ମରଣ ଦିବସ ବା ଅଖଣ୍ଡ ଭଜନ ଦିବସଟି ଆମ୍ଭ ମାନଙ୍କର ନାମ ସେବାର ଏକ ପବିତ୍ର ଦିବସ। ମନକୁ ସ୍ଥିର କରିବା ପାଇଁ ନାମ ସ୍ମରଣ ଅତ୍ୟନ୍ତ ପ୍ରୟୋଜନୀୟ। ଏକ ସ୍ଥିର ଥିବା ଜଳରାଶିରେ ଛାଇ ବା ପ୍ରତିବିମ୍ବ ଯେପରି ପଡ଼ି ପରମ ପୁରୁଷଙ୍କ ପ୍ରତିବିମ୍ବକୁ ଦେଖାଇଥାଏ ଠିକ ସେହିପରି ନିଜ ସାଧନ ଶକ୍ତିକୁ ଅନ୍ତର ଭାବରେ ଆଲୋକିତ କରିବା ପାଇଁ ଉଦ୍ୟମ କଲେ ବିଭୁ କୃପା ମିଳିଥାଏ। ଜୀବନରେ ଆନନ୍ଦ ପ୍ରାପ୍ତ ପାଇଁ ସମସ୍ତେ ସେବାଧର୍ମ ଭିତରେ ନାମ ସ୍ମରଣକୁ ଦିବ୍ୟମୟ କରିବା ସହ ଏହାର ଗୁରୁତ୍ୱକୁ ଉପଲବ୍ଧି କରିବା ଉଚିତ। ଏହା ଆମ୍ଭମାନଙ୍କର ଜୀବନ ଚେତନାକୁ ଆଲୋକିତ କରିବା ସହ ଭଗବାନଙ୍କ କୃପାପ୍ରାପ୍ତ ପାଇଁ ଏହା ଏକ ଶ୍ରେଷ୍ଠ ମାଧ୍ୟମ ବୋଲି ଆମ୍ଭେମାନେ ଏହି ଭାବନା ରଖି ଆସନ୍ତୁ ନାମ ସଂକୀର୍ତ୍ତନରେ ହିଁ ନିଜକୁ ନିୟୋଜିତ କରିବା।

ଶିକ୍ଷାବିତ୍ ଓ ପୂର୍ବତନ ସମ୍ପାଦକ,
ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ
କେନ୍ଦ୍ର ମାର୍ଗ, କଟକ,
ଦୂରଭାଷ : ୭୦୦୮୧୮୧୮୨୦

# ଶ୍ୟାମାକାଳୀ ପୂଜା ଓ ନରକ ଚତୁର୍ଦ୍ଦଶୀ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

କାର୍ତ୍ତିକ ଅମାବାସ୍ୟାରେ କାଳୀ ପୂଜା ବା ଶ୍ୟାମାକାଳୀ ପୂଜା ବା ମହାନିଶା ପୂଜା ଅନୁଷ୍ଠିତ ହୁଏ। ଯିଏ ମହାକାଳୀ, ସେ ହିଁ ନିତ୍ୟକାଳୀ, ଶ୍ମଶାନକାଳୀ, ରକ୍ଷାକାଳୀ ଓ ଶ୍ୟାମାକାଳୀ। ଶ୍ୟାମାକାଳୀ, ମହାକାଳୀଙ୍କର ଅପେକ୍ଷାକୃତ କମ୍ ଉଗ୍ର ରୂପ ହୋଇଥିବାରୁ, ଘରେ ଘରେ ପୂଜିତା। ଉତ୍ତର ଭାରତରେ ଏହି ଦିନରେ ମହାଲକ୍ଷ୍ମୀ ପୂଜା ହେଉଥିବା ବେଳେ ପଶ୍ଚିମ ବଙ୍ଗ, ଓଡ଼ିଶା ଓ ଆସାମରେ କାଳୀ ପୂଜା ଅନୁଷ୍ଠିତ ହୁଏ। ସାର୍ବଜନୀନ କାଳୀ ପୂଜାର ଆରମ୍ଭ ବଙ୍ଗ ପ୍ରଦେଶରୁ। ଅଷ୍ଟାଦଶ ଶତାବ୍ଦୀରେ ନବଦ୍ୱୀପର ରାଜା କୃଷ୍ଣଚନ୍ଦ୍ର ଏହା ଆରମ୍ଭ କରିଥିଲେ। ଉନବିଂଶ ଶତାବ୍ଦୀରେ ତାଙ୍କ ନାତି ଈଶ୍ୱରଚନ୍ଦ୍ର ଏହାକୁ ଏକ ଲୋକପ୍ରିୟ ଉତ୍ସବରେ ପରିଣତ କରାଇଥିଲେ। ସପ୍ତଦଶ ଶତାବ୍ଦୀରେ ବଳରାମ ରଚିତ କାଳିକା ମଙ୍ଗଳକାବ୍ୟରେ କାଳୀ ପୂଜାର ଉଲ୍ଲେଖ ମିଳେ। ଏହି ଦିନରେ କାଳୀ ମାତାଙ୍କ ଗଳାରେ ରକ୍ତଜବା ମାଳ ପିନ୍ଧାଇବା ସହ ମାଛ-ମାଂସ ଭୋଗ ହୁଏ। ପୁଣି ଏହି ଦିନରେ କଲକାତାର କାଳୀଘାଟ ମନ୍ଦିର ଓ ଗୁଆହାଟୀର କାମାକ୍ଷା ମନ୍ଦିରରେ କାଳୀ ମାତାଙ୍କୁ ଲକ୍ଷ୍ମୀ ଭାବେ ପୂଜା କରାଯାଏ। ନରକ ଚତୁର୍ଦ୍ଦଶୀରେ ଯମରାଜଙ୍କୁ ପୂଜା କରାଯାଇଥାଏ । ବଳିଙ୍କ ଭକ୍ତିରେ ପ୍ରସନ୍ନ ହୋଇ ବାମନ ଭଗବାନ ତାଙ୍କୁ ତିନୋଟି ବର ମାଗିବାକୁ କହିଥିଲେ । କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ ଦିନ ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ନରକ ଚତୁର୍ଦ୍ଦଶୀରେ ଦୀପଦାନ କରୁଥିବା ବ୍ୟକ୍ତିଙ୍କୁ ଯମଯାତନା ମିଳିବ ନାହିଁ, ଲକ୍ଷ୍ମୀ ଛାଡ଼ି ଯିବେ ନାହିଁ ଏବଂ ସର୍ବଦା ତାଙ୍କ ଉପରେ ଭଗବାନ ବିଷ୍ଣୁଙ୍କ କୃପା ରହିବ । ବାମନ ଭଗବାନଙ୍କ ଆଶୀର୍ବାଦ କ୍ରମେ ଏହି ଦିନ ନରକ ଚତୁର୍ଦ୍ଦଶୀ ନାମରେ ଖ୍ୟାତ ହେଲା । ଏହି ପବିତ୍ର ତିଥିରେ ଯମରାଜ ଏବଂ ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଦୀପ ଜଳାଯାଇଥାଏ । ଏହି ଦିନ ଯମରାଜଙ୍କ ପୂଜା କରୁଥିବା ବ୍ୟକ୍ତି ନରକ ଯାତନା ଭୋଗେ ନାହିଁ ବୋଲି ପୁରାଣରେ ବର୍ଣ୍ଣିତ ରହିଛି । ଆଉ ଏକ ଆଖ୍ୟାନ ଅନୁଯାୟୀ ନରକ ଚତୁର୍ଦ୍ଦଶୀ ଦିନ ଭଗବାନ କୃଷ୍ଣ ନରକାସୁରର ବଧ କରିଥିଲେ ଏବଂ ତା'କବଳରୁ ୧୬ ହଜାର ୧୦୦ କନ୍ୟାଙ୍କୁ ମୁକୁଳାଇଥିଲେ । ନରକ ଚତୁର୍ଦ୍ଦଶୀ ଦିନକୁ ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଗୁଜୁରାଟରେ କାଳୀ ଚୌଦସ୍ ନାମରେ ପାଳନ କରାଯାଏ । ଗୋଆରେ ଏହି ଦିନ ନର୍କାସୁରର ପ୍ରତିମା ନିର୍ମାଣ କରାଯାଇ ଜଳାଯାଇଥାଏ । ବଙ୍ଗରେ ଏହି ପର୍ବ କାଳୀ ଚୌଦସ ବା ଦେବୀ କାଳୀଙ୍କ ଜନ୍ମ ଦିବସ ରୂପରେ ପାଳନ କରାଯାଇଥାଏ । ନରକ ଚତୁର୍ଦ୍ଦଶୀରେ ମୃତ୍ୟୁର ଦେବତା ଯମରାଜା, ମା'କାଳୀ, ଭଗବାନ ହନୁମାନ, ଦେବୀ ଲକ୍ଷ୍ମୀ, ଭଗବାନ ବିଷ୍ଣୁଙ୍କ ପୂଜା କରାଯାଏ । ଏହି ପର୍ବ ଦିନ ସନ୍ଧ୍ୟାରେ ଦକ୍ଷିଣ ଦିଗକୁ ତିଳ ବା ରାଶି ତେଲରେ ଦୀପ ଜାଳିଲେ ଅକାଳ ମୃତ୍ୟୁ ଯୋଗ କଟିଥାଏ । ଏହି ଦିନ ଭଗବାନ କୃଷ୍ଣଙ୍କ ପୂଜା କରିବାର ମଧ୍ୟ ବିଧି ରହିଛି ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ,
କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଶିଶୁଙ୍କ ନିମୋନିଆ ରୋଗ


ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଶୀତର ପ୍ରକୋପ ବଢ଼ିଲାଣି। ପାର୍ବଣ ଭିତରେ ବିଶେଷକରି ପିଲାମାନେ ଆଗ୍ରହ ରଖୁଥିବା ବାଣଫୁଟା ପରିବେଶକୁ ଦିନକୁ ଦିନ ଉଦବେଗଜନକ ଭାବେ ପ୍ରଦୂଷିତ କରୁଛି। ନୂଆଦିଲ୍ଲୀରେ ଯେଉଁ ଭାବେ ପ୍ରଦୂଷଣର ଉତ୍କଟତା ଆମେମାନେ ଦେଖୁଛୁ ଏହା ସମସ୍ତଙ୍କ ପାଇଁ ଏକ ବିରାଟ ବନ ଆହ୍ୱାନ। ଶିଶୁ ସ୍ୱାସ୍ଥ୍ୟକ୍ଷେତ୍ରରେ ପ୍ରଦୂଷଣ ସେମାନଙ୍କ ଯନ୍ତ୍ରଣାକୁ ଆହୁରି ଦ୍ୱିଗୁଣିତ କରିଦେଇଥାଏ। ନିମୋନିଆର ଆଲୋଚନା କରୁଥିବାବେଳେ ଏହାସହ ପ୍ରଦୂଷଣର କେଉଁପରି ଭାବରେ ସମ୍ପର୍କ ରହିଛି ତାହା ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ନିମୋନିଆ ଏପରି ଏକ ଶ୍ୱାସ ସମ୍ପର୍କିତ ରୋଗ ଏହା ପିଲାମାନଙ୍କ ଶ୍ୱାସପ୍ରଶ୍ୱାସକୁ ଜଟିଳ କରି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ କେତେକ କ୍ଷେତ୍ରରେ ଗୁରୁତର ମଧ୍ୟ କରିଦେଇଥାଏ। ଏବେ ଶୀତ ବଢ଼ିବା ସହ ଦିନକୁ ଦିନ ପ୍ରଦୂଷଣ ଓ ଏଥିରେ ଧୂଳିକଣା, କାକର ଓ ଧୂଆଁ ମିଶି ଯାଉଥିବାରୁ ଏହା ପିଲାମାନଙ୍କ ପାଇଁ ବିଶେଷକରି ନବଜାତକଙ୍କ କ୍ଷେତ୍ରରେ ଅତ୍ୟନ୍ତ ଜଟିଳ ପରିସ୍ଥିତି ସୃଷ୍ଟି କରିଦିଏ। ସମ୍ପ୍ରତି ନିମୋନିଆ ରୋଗ ବା ଫୁସ୍‌ଫୁସ୍ ପ୍ରଦାହ ଭୟଙ୍କର ଭାବରେ ଶିଶୁମାନଙ୍କ ପାଇଁ ବିପଦଜନକ ହୋଇପଡ଼ିଲାଣି । ଦେଖାଯାଉଛି ଆବଶ୍ୟକତା ଠାରୁ କମ୍ ଓଜନର ଶିଶୁଟି ନିମୋନିଆରେ ଆକ୍ରାନ୍ତ ହୋଇପଡୁଛି । ତେବେ ନିମୋନିଆର ମୁଖ୍ୟ କାରଣ ହେଉଛି ପୁଷ୍ଟିହୀନତା, କମ୍ ପରିମାଣର ସ୍ତନ୍ୟପାନ, ଭିଟାମିନ୍-ଏର ଅଭାବ, ବାୟୁପ୍ରଦୂଷଣ, ଗହଳି ସ୍ଥାନ ସର୍ବୋପରି ଧୂମପାନ ବା କୌଣସି ନିଶାଦ୍ରବ୍ୟ ସେବନର ସାମାନ୍ୟ ସଂସ୍ପର୍ଶ ପିଲାଟି ପାଇଁ ଘାତକ ହୋଇପାରେ । ସେହିପରି ପରିବାରର ଅନ୍ୟକୌଣସି ପିଲାର ନିମୋନିଆ ହୋଇଥିଲେ ଏହା ପରିବାରର ଅନ୍ୟ ପିଲାମାନଙ୍କୁ ନିମୋନିଆର କାରଣ ହୋଇଥାଏ । ଶ୍ୱାସନଳୀ ସଂକ୍ରମଣକୁ ତର୍ଜମା କଲେ ନିମୋନିଆଟି ତିନି ପ୍ରକାରର । ପ୍ରଥମଟି ହେଉଛି ବ୍ରୋଙ୍କୋ ନିମୋନିଆ, ଦ୍ୱିତୀୟଟି ହେଉଛି ଲୋବାର ନିମୋନିଆ ଏବଂ ତୃତୀୟଟି ହେଉଛି ଇଣ୍ଟରସ୍ଟିସିଆଲ ନିମୋନିଆ । ସ୍ୱଭାବିକ ଭାବରେ ନିମୋନିଆକୁ ଧରିବା ବଡ଼ କଷ୍ଟକର କାର୍ଯ୍ୟ । ପ୍ରାରମ୍ଭରେ ଶିଶୁଟି ସାମାନ୍ୟ କାଶ ବା ଛିଙ୍କ ପରେ ପରେ ଜ୍ୱରର ତାପମାତ୍ରା ବୃଦ୍ଧି ହେଲେ ଏହା ନିମୋନିଆର ଲକ୍ଷଣ । ମନେରଖନ୍ତୁ ନିମୋନିଆ ହେବାମାତ୍ରେ ଶିଶୁଟିର ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ । ଏହି ସମୟରେ ପିଲାଟି ଜୋର୍‌ରେ ନିଶ୍ୱାସ ନେଇଥାଏ । ଏ କ୍ଷେତ୍ରରେ କାଳବିଳମ୍ବ ନକରି ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ନ୍ତୁ । ବେଳେ ବେଳେ କିଛି କ୍ଷେତ୍ରରେ ଦେଖାଯାଏ ଏହି ସମୟରେ ପିଲାଟିର ପେଟରେ ଯନ୍ତ୍ରଣା ହୋଇଥାଏ, ବାତମାରିଲା ପରି ଛଟପଟ ହୁଏ ଏବଂ କିଛି କ୍ଷେତ୍ରରେ ପିଲାଟିର ଶରୀର ନୀଳ ମଧ୍ୟ ପଡ଼ିଆସେ । ଚିକିତ୍ସାଶାସ୍ତ୍ର ଅନୁଯାୟୀ ପିଲାଟିର ଫୁସ୍‌ଫୁସ୍ ସଂକ୍ରମଣ ହେଲାମାତ୍ରେ ସ୍ୱଭାବିକ ଭାବରେ ଫୁସ୍‌ଫୁସ୍ ନିଜର କାର୍ଯ୍ୟଶୈଳୀର ଧାରାରେ ବାଧାପ୍ରାପ୍ତ ହୋଇଥାଏ । ପରବର୍ତ୍ତୀ ସମୟରେ ଏହା କଠିନ ହୋଇଯାଇ ଭୂତାଣୁ ବା ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ହୋଇପଡ଼େ । ସମ୍ପ୍ରତି ଦେଖାଯାଉଛି ନିମୋକୋକ୍ସ, ହିମୋଫିଲ୍ସ, ଇନ୍‌ଫ୍ଲୁଏଞ୍ଜା, କ୍ଲେବସିଲା, ଇ.କୋଲି, ଷ୍ଟାଫାଇଲୋକୋକସ ଇତ୍ୟାଦି ଶିଶୁର ବୟସ ଅନୁସାରେ ନିମୋନିଆର କାରଣ ସାଜିଥାଆନ୍ତି । ସମ୍ପ୍ରତି ଚିକିତ୍ସା ବିଜ୍ଞାନ ଯଥେଷ୍ଟ ଅଗ୍ରଗତି କରିଥିବାରୁ ରାଜ୍ୟସରକାର ଶିଶୁ ବିଭାଗ ପ୍ରତି ଯତ୍ନବାନ ହୋଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାରୁ ପିଲାମାନଙ୍କ ପାଇଁ ଆଉ ନିମୋନିଆ ଗୁରୁତର ହୋଇ ରହିନାହିଁ । ପ୍ରାଥମିକ ଭାବରେ ନିମୋନିଆକୁ ଶ୍ୱାସହାରା ମାତ୍ରାରେ ଅର୍ଥାତ୍ ପିଲାଟିର ମିନିଟ୍ ପ୍ରତି ନିଃଶ୍ୱାସ ପ୍ରଶ୍ୱାସ ନିରୂପିତ କରି ଏହାର ଚିକିତ୍ସା ଆରମ୍ଭ କରାଯାଇପାରେ । ଏହାକୁ ଚିହ୍ନଟ କରିବା ପାଇଁ ସ୍କେଟିକ୍ ସ୍କ୍ରିନ, ଛାତି ଏକ୍ସରେ ପଦ୍ଧତି ମଧ୍ୟ କେତେକ କ୍ଷେତ୍ରରେ ଗ୍ରହଣ କରାଯାଇଥାଏ । ତେବେ ପାକସ୍ଥଳୀ ଶୋଷଣରେ ଫୁସ୍‌ଫୁସରେ ଅଧିକ ଶ୍ୱେତରକ୍ତ କଣିକା ଥିବାର ପରୀକ୍ଷାରୁ ଜଣାପଡ଼ିଲେ ଶିଶୁଟି ନିଶ୍ଚିତ ଭାବରେ ନିମୋନିଆରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ । ଶିଶୁଟିର ଶ୍ୱାସକ୍ରିୟାକୁ ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ପାଇଁ ପିଲାଟିକୁ ଦରକାର ପଡ଼ିଲେ ତୁରନ୍ତ ଅକ୍ସିଜେନ ଦିଆଯାଇଥାଏ । ଏହି ସମୟରେ ପିଲାଟିକୁ ସ୍ୱତନ୍ତ୍ର ଭାବରେ ଏକ ଉପଯୁକ୍ତ ପରିବେଶରେ ରଖାଯାଇଥାଏ । ପିଲାଟିକୁ ପାଟିବାଟେ କୌଣସି ଖାଦ୍ୟ ନଦିଆଯାଇ ସାଲାଇନ୍ ମାଧ୍ୟରେ ଖାଦ୍ୟ ପ୍ରଦାନ କରାଯାଇଥାଏ । ସମ୍ପ୍ରତି ପିଲାମାନଙ୍କ ପାଇଁ ସୂଚିତ ହେଉଥିବା ଟୀକାକରଣ ସୂଚୀ ଅନୁଯାୟୀ ପିଲାଙ୍କ ନିର୍ଦ୍ଦିଷ୍ଟ ବୟସ ଅନୁପାତରେ ଟୀକା ପ୍ରଦାନ କରାଗଲେ ଏହା ନିମୋନିଆ ପାଇଁ ନିଶ୍ଚିତ ଭାବରେ ପ୍ରତିବନ୍ଧକ ହୋଇପାରିବ । ଘର ପରିବେଶକୁ ସର୍ବ ପ୍ରଥମେ ଦୃଷ୍ଟି ଦିଅନ୍ତୁ କାରଣ ପିଲାମାନଙ୍କ କେବଳ ନିମୋନିଆ କ୍ଷେତ୍ରରେ ନୁହେଁ ସେମାନଙ୍କର ଅନ୍ୟାନ୍ୟ ରୋଗ ପାଇଁ ଘରର ଧୂଳି, ଧୂଆଁ ଓ ଏକ ପ୍ରକାର ଦୂଷିତ ପରିବେଶ ସେମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ଜଟିଳ କରିଦିଏ। ପିଲାମାନେ ରହୁଥିବା ରୁମରେ ଯେପରି ମୁକ୍ତ ପବନ ଓ ସୂର୍ଯ୍ୟାଲୋକ ପଡୁଥିବା ସେ ଦିଗକୁ ଦେଖନ୍ତୁ। ପିଲାମାନଙ୍କୁ ସୁଷମ ଖାଦ୍ୟ ଓ ସମ୍ଭବ ହେଲେ ଫୁଟାପାଣି ପିଇବା ପାଇଁ ଦିଅନ୍ତୁ। ଫଳ, ସବୁଜ ପନିପରିବା, ଶାଗ ଏହାକୁ ପିଲାମାନଙ୍କ ଖାଦ୍ୟ ତାଲିକାରେ ରଖନ୍ତୁ। ତେବେ ପିଲାଙ୍କ ପାଇଁ ଏକ ଭଲ ସ୍ୱାସ୍ଥ୍ୟ ରୁଟିନଟି ତିଆରି କରନ୍ତୁ ଓ ସେମାନଙ୍କୁ ପିଲାବେଳୁ ହିଁ ଆଧ୍ୟାତ୍ମିକ ରାସ୍ତାରେ ଯିବା ପାଇଁ ରାସ୍ତା ଦେଖାନ୍ତୁ। ପିଲାମାନଙ୍କର ଯେକୌଣସି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ପାଇଁ ସରକାରୀ ବ୍ୟବସ୍ଥିତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ କିମ୍ବା ଶିଶୁଭବନର ସହାୟତା ନିଅନ୍ତୁ। କେବଳ ନିମୋନିଆ ନୁହେଁ ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ପିଲାମାନଙ୍କୁ ଗୁଣିଟୁଣି ବା ତୁଟୁକା ତୁଟୁକି ଚିକିତ୍ସାକୁ ଗୁରୁତ୍ୱ ନଦେଇ କେବଳ ସରକାରୀ ବ୍ୟବସ୍ଥିତ ସ୍ୱାସ୍ଥ୍ୟ ସେବାର ସୁଯୋଗ ନିଅନ୍ତୁ। କୌଣସି ପରିସ୍ଥିତିରେ ଅଭିଭାବକମାନେ ଭୟଭୀତ ନହୋଇ ଶିଶୁ ବିଶେଷଜ୍ଞଙ୍କ ମତ ଲୋଡ଼ିବା ବାଞ୍ଛନୀୟ ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ,*
*ଶିଶୁରୋଗ ବିଭାଗ, ଫକୀରମୋହନ*
*ମେଡ଼ିକାଲ କଲେଜ, ବାଲେଶ୍ୱର,*
*ଦୂରଭାଷ : ୯୪୩୭୧୨୪୦୭୪*

# ରାଜ୍ୟ ସରକାର ଓ ରାଜ୍ୟପାଳଙ୍କ ଭୂମିକାକୁ ନେଇ ବିବାଦ


ଗୋପାଳ ମହାପାତ୍ର

ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଡି. ଓ୍ୱାଇ. ଚନ୍ଦ୍ରଚୂଡ଼ ଏକ ମାମଲାର ଶୁଣାଣି ବେଳେ ରାଜ୍ୟପାଳ ମାନଙ୍କର ଭୂମିକାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଶକ୍ତ ଟିପ୍ପଣୀ ଦେଇଛନ୍ତି । ରାଜ୍ୟ ସରକାର ମାନଙ୍କ ଦ୍ୱାରା ବିଧାନସଭାରେ ଗୃହୀତ ହେଉଥିବା ଅନେକ ବିଧେୟକ (ବିଲ୍)କୁ ରାଜ୍ୟପାଳ ମାନେ ସ୍ୱୀକୃତି ଦେଉନଥିବା ଏକ ଆପ ି ଜନକ ଘଟଣା ବୋଲି କହିଛନ୍ତି ମାନ୍ୟବର ବିଚାରପତି ଚନ୍ଦ୍ରଚୂଡ଼ । ଏ ପ୍ରସଙ୍ଗରେ ରାଜ୍ୟପାଳ ମାନେ ଆତ୍ମଚିଂନ କରିବା ଉଚିତ୍ ବୋଲି ମଧ୍ୟ କହିଛନ୍ତି । ରାଜ୍ୟପାଳଙ୍କୁ ସାଧାରଣ ଲୋକେ ନିର୍ବାଚିତ କରିନଥାନ୍ତି । ନିର୍ବାଚିତ ପ୍ରତିନିଧି ମାନଙ୍କର ଜନତାଙ୍କ ପ୍ରତି ଉ ରଦାୟୀତ୍ୱ ରହିଛି । ମନ୍ତ୍ରୀମଣ୍ଡଳର ପରାମର୍ଶ କ୍ରମେ ରାଜ୍ୟପାଳ ମାନଙ୍କୁ କାର୍ଯ୍ୟ କରିବାକୁ ପଡିଥାଏ । ବିଗତ କିଛି ବର୍ଷ ମଧ୍ୟରେ କେତେକ ରାଜ୍ୟର ସରକାର ବିଧାନସଭାରେ ଗୃହୀତ କରାଇଥିବା ବିଲ୍‌କୁ ରାଜ୍ୟପାଳ ମାନେ ଦୀର୍ଘ ସମୟ ଧରି ସ୍ୱୀକୃତି ନ ଦେଇ ଅଟକାଇ ରଖିଥିଲେ । ଯେତେବେଳେ ରାଜ୍ୟ ସରକାର ମାନେ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ସେତେବେଳେ ଅଟକାଇ ରଖାଯାଇଥିବା ବିଲ୍ କୁ ସ୍ୱୀକୃତି ଦିଆ ଯାଇଥିଲା । ଏହିଭଳି ଘଟଣାକୁ ସୁପ୍ରିମକୋର୍ଟ ଆପ ିଜନକ ବୋଲି କହିଛନ୍ତି । କେତେକ ରାଜ୍ୟପାଳ ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍‌କୁ ଅଟକାଇ ରଖି ରାଜ୍ୟ ସରକାରଙ୍କ ଆର୍ଥିକ ଗତିବିଧିକୁ ରୋକିବାର ପ୍ରୟାସ କରିଥିଲେ ଯଦିଓ ଅର୍ଥବିଲ୍‌କୁ ରୋକିବା ବା ଅଟକାଇ ରଖିବାର ଅଧିକାର ରାଜ୍ୟପାଳଙ୍କର ନାହିଁ । ନିକଟରେ ପାବ ବିଧାନସଭାର ଅଧିବେଶନ ମୁଲତବିକୁ ନେଇ ଏକ ନୂଆ ବିବାଦ ସୃଷ୍ଟି ହୋଇଥିଲା । ମାନ୍ୟବର ସୁପ୍ରିମକୋର୍ଟ ମାମଲାର ଶୁଣାଣୀ ବେଳେ କହିଚନ୍ତି ଯେ ଭାରତରେ ଲୋକତାନ୍ତ୍ରିକ ବ୍ୟବସ୍ଥା ଥାଇ ମଧ୍ୟ ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଦେଖା ଦେଉଥିବା ବିବାଦ ଚିଂ'ାଜନକ ନିଶ୍ଚୟ । ବିଗତ କିଛି ବର୍ଷ ମଧ୍ୟରେ ପଶ୍ଚିମବଙ୍ଗଳା, ତାମିଲନାଡୁ, କେରଳ, ତେଲେଙ୍ଗାନା, ଛତିଶଗଡ, ଦିଲ୍ଲୀ ଓ ପାବ ଆଦି ରାଜ୍ୟରେ ରାଜ୍ୟପାଳ ଏବଂ ରାଜ୍ୟ ସରକାରମାନଙ୍କ ମଧ୍ୟରେ ମତଭେଦ ତୀବ୍ରତର ହୋଇଥିବା ଅନେକ ଘଟଣାରୁ ସ୍ପଷ୍ଟ ପରିଲକ୍ଷିତ । ପାବ ସରକାରଙ୍କ ପକ୍ଷରୁ ମାମଲାର ଶୁଣାଣି ବେଳେ ମାନ୍ୟବର ସୁପ୍ରିମକୋର୍ଟ ଦେଇଥିବା ଉପରୋକ୍ତ ମ'ବ୍ୟ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ ।

ବିଗତ ୫-୭ ବର୍ଷ ହେବ ରାଜ୍ୟପାଳ ଏବଂ ରାଜ୍ୟ ସରକାରମାନଙ୍କ ମଧ୍ୟରେ ଥିବା ସମ୍ପର୍କରେ ରାଜନୀତି ଦେଖିବାକୁ ମିଳୁଛି । କେନ୍ଦ୍ର ସରକାରଙ୍କ ଇଶାରାରେ ଅଣ ବିଜେପି ସରକାର ଥିବା ରାଜ୍ୟର ରାଜ୍ୟପାଳ ମାନେ ସେ ସବୁ ରାଜ୍ୟର ସରକାରଙ୍କ କାମରେ ଅଯଥା ହସ୍ତକ୍ଷେପ କରୁଛନ୍ତି ଓ ସରକାରଙ୍କ କାମକୁ ରୋକୁଛନ୍ତି । ରାଜ୍ୟପାଳ ମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତି ପାଉଥିବା କାରଣରୁ କେନ୍ଦ୍ର ସରକାରଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଛନ୍ତି ଯାହା ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ସବୁଠାରୁ ଚିଂ' ଜନକ ସ୍ଥିତି ବୋଲି କୁହାଯାଇପାରେ । ବିଗତ ୭୦ ବର୍ଷ ହେବ ରାଜ୍ୟପାଳମାନଙ୍କର ଭୂମିକା ସୀମିତ ଥିଲା । ବିଧାନସଭାରେ ଗୃହୀତ ହେଉଥିବା ବିଲ୍ କେନ୍ଦ୍ରୀୟ ଆଇନ୍ ଓ ସମ୍ବିଧାନରେ ବର୍ଣ୍ଣିତ ପ୍ରାବଧାନର ବିପରୀତ ହୋଇଥିଲେ ମଧ୍ୟ ରାଜ୍ୟପାଳ ସେ ବିଲ୍‌କୁ ସ୍ୱୀକୃତି ଦେଇ ନଥାନ୍ତି । ଅନ୍ୟଥା ଅନ୍ୟ ସମସ୍ତ ବିଲ୍ କୁ ରାଜଭବନ ପକ୍ଷରୁ ସ୍ୱୀକୃତି ଦିଆଯାଇଥାଏ । ରାଜ୍ୟ ସରକାର ମାନେ ସମ୍ବିଧାନରେ ବର୍ଣ୍ଣିତ ପ୍ରାବଧାନ ବିପରିତ ବିଲ୍ ଗୃହୀତ କରାଇ ନଥାନ୍ତି । ରାଜ୍ୟ ବିଧାନସଭା ସଚିବାଳୟ ଏ ସବୁକୁ ଦେଖିଥାଏ । ବିଧାନସଭା ସଚିବାଳୟ ବିଧାନସଭାରେ ଗୃହୀତ ବିଲ୍‌କୁ ରାଜ୍ୟପାଳଙ୍କ ପାଖକୁ ଅନୁମୋଦନ ପାଇଁ ପଠାଇଥାନ୍ତି । ରାଜ୍ୟପାଳ ଯଦି ବିଲ୍‌କୁ ଅନୁମୋଦନ ନ ଦିଅନ୍ତି ତେବେ ଅନୁମୋଦନ ନକରିବାର କାରଣ ମଧ୍ୟ ରାଜ୍ୟ ସରକାରଙ୍କୁ ଜଣାଇବା କଥା ସମ୍ବିଧାନରେ ରହିଛି । ମହାରାଷ୍ଟ୍ରରେ ଏକ ଅଜବ ଘଟଣା ଘଟିଥିଲା । ମହାରାଷ୍ଟ୍ର ସରକାର ବିଧାନସଭା ପରିଷଦ ପାଇଁ ଯେଉଁ ମାନଙ୍କ ନାମ ଶୁପାରିଶ କରିଥିଲେ ରାଜ୍ୟପାଳ କିଛି ମାସ ପର୍ଯ୍ୟ' ରାଜ୍ୟ ସରକାରଙ୍କ ଶୁପାରିଶକୁ ଅନୁମୋଦନ କରିନଥିଲେ । ପଶ୍ଚିମବଙ୍ଗ ଏବଂ ମହାରାଷ୍ଟ୍ରର ରାଜ୍ୟପାଳଙ୍କ କାର୍ଯ୍ୟକଳାପକୁ ନେଇ ବେଶ୍ ଚର୍ଚ୍ଚା ଚାଲିଥିଲା । ଏବେ ପାବ, ତାମିଲନାଡୁ, କେରଳ, ତେଲେଙ୍ଗାନା ଏବଂ ଦିଲ୍ଲୀ ଆଦି ରାଜ୍ୟର ରାଜ୍ୟପାଳ ଓ ରାଜ୍ୟସରକାରଙ୍କ ମଧ୍ୟରେ ମତଭେଦ ବିବାଦ ଚରମ ସୀମାରେ ପହ ଞ୍ଚିଛି । ରାଜ୍ୟ ସରକାର ଓ ରାଜ୍ୟପାଳ ସମା'ରାଳ ଶାସନ ଚଳାଇବା ପାଇଁ ଉଦ୍ୟମରତ।

ତାମିଲନାଡୁ ରାଜ୍ୟପାଳ ତାମିଲନାଡୁ ବିଧାନସଭାରେ ଗୃହୀତ ୧୨ଟି ବିଲ୍‌କୁ ଅଟକାଇ ରଖିଛନ୍ତି । ତେଲେଙ୍ଗାନା ରାଜ୍ୟପାଳ ଦୀର୍ଘ ବର୍ଷେ ହେବ ୧୦ଟି ବିଲ୍‌କୁ ଅନୁମୋଦନ ନଦେଇ ଅଟକାଇ ରଖିଥିଲେ । ଯେତେବେଳେ ପରିସ୍ଥିତି ଅଧିକ ବିବାଦୀୟ ହୋଇପଡିଲା ସେତେବେଳେ ୩ଟି ବିଲ୍‌କୁ ସ୍ୱୀକୃତି ଦେଇଥିଲେ । ପାବର ରାଜ୍ୟପାଳ ମଧ୍ୟ କେତେକ ବିଲ୍‌କୁ କିଛି ମାସ ହେବ ଅଟକାଇ ରଖିଛନ୍ତି । ଏଭଳି ସ୍ଥିତି କାରଣରୁ ରାଜ୍ୟପାଳ ଅଥବା ରାଜ୍ୟ ସରକାରଙ୍କ ସର୍ବୋଚ୍ଚତାକୁ ନେଇ ବିବାଦ ଦେଖା ଦେଇଛି । ଦିଲ୍ଲୀ ସରକାରଙ୍କ ମାମଲାରେ ମାନ୍ୟବର ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଥିଲେ ତାକୁ ମାନିବା ପରିବର୍ତ୍ତେ କେନ୍ଦ୍ର ସରକାରଏକ ନୂଆ ଆଇନ୍ ପ୍ରଣୟନ କରିଦେଲେ ଯେଉଁଥିପାଇଁ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଦିଲ୍ଲୀରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଅଣ ବିଜେପି ସରକାର ଥିବା ରାଜ୍ୟର ରାଜ୍ୟପାଳ ମାନେ ଏଭଳି କରୁଥିବାର ଅନେକ ଉଦାହରଣ ରହିଛି । କେନ୍ଦ୍ର ସରକାର ରାଜ୍ୟପାଳ ମାନଙ୍କ ନିଯୁକ୍ତି ରାଜନୈତିକ ଆଧାରରେ କରିଥାନ୍ତି । ଅନେକ ରାଜ୍ୟପାଳ କେନ୍ଦ୍ର ସରକାରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରନ୍ତି ଏଣୁ ରାଜ୍ୟସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ମତଭେଦ ଓ ବିବାଦ ସୃଷ୍ଟି ହୋଇଥାଏ । ସୁପ୍ରିମକୋର୍ଟ ଏ ପ୍ରସଙ୍ଗରେ ସ୍ପଷ୍ଟ ନିର୍ଣ୍ଣୟ ବା ରାୟ ଦେବା ଉଚିତ୍ । ଯାହା ଦ୍ୱାରା ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବ ନାହିଁ ।

ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪

# ଆଦର୍ଶ ଶିକ୍ଷକର ପ୍ରକୃତ ସଂଜ୍ଞା


ଆଶୁତୋଷ ନାୟକ

ବିଦ୍ୟା କେବେ ପୁଳା ପୁଳା ଟଙ୍କା ଏବଂ ବାଟି ବାଟି ସମ୍ପତ୍ତି ଅର୍ଜନ କରିବାକୁ ଶିକ୍ଷା ଦିଏ ନାହିଁ । ମନ ଭିତରେ ଅହଂ ଭାବନା ଆସିଲେ ଆମର ଶିକ୍ଷା ମୂଲ୍ୟହୀନ ।ଉଦାରବାଦୀ, ନିର୍ଭିକ, ସରଳ,ନମ୍ର, ବ୍ୟକ୍ତି ହି ପକୃତ ଆଦର୍ଶ ଶିକ୍ଷକ ପଦବାଚ୍ୟ । ପ୍ରକୃତି ର ଜୀବଜନ୍ତୁ, କୀଟପତଙ୍ଗ ଠାରୁ ଆରମ୍ଭ କରି ଉଦ୍ଭିଦ ପ୍ରଯ୍ୟନ୍ତ ଆମକୁ ବହୁତ କିଛି ଶିକ୍ଷା ମିଳେ । ବିନମ୍ରତା ସହନଶିଳତା ଆମକୁ ଉଦ୍ଭିଦ ଠାରୁ ଶିକ୍ଷା ମିଳିଥାଏ । ପରିଶ୍ରମ,ନିଷ୍ଠା, ଉଦ୍ୟମ ଆମକୁ ମହୁମାଛି ଶିକ୍ଷା ଦେଇଥାଏ । ଜନ୍ଦା, ପିମ୍ପୁଡି ଙ୍କ ପରି ଛୋଟ କୀଟପତଙ୍ଗ ମାନଙ୍କ ଠାରୁ ଶୃଙ୍ଖଳିତ ଜୀବନ ଶୈଳୀ ର ଶିକ୍ଷା ମିଳିଥାଏ । ସବୁଠାରୁ ବିଶ୍ୱସ୍ତ ପ୍ରାଣୀ କୁକୁର ଠାରୁ ଆମକୁ ବିଶ୍ୱସ୍ତତା ଶିକ୍ଷା ମିଳିଥାଏ । ଦୁବ ଘାସ କୁ ଲୋକମାନେ ପାଦରେ ଦଳି ଦିଅନ୍ତି, କିନ୍ତୁ ଦୁବ ଘାସ ଛୋଟ ହେଲେ ବି ଈଶ୍ୱର କାର୍ଯ୍ୟ ରେ ଲାଗି ଥାଏ। ଦୁବ ଘାସ ଠାରୁ ଆମକୁ ସହନଶୀଳତା ର ଶିକ୍ଷା ମିଳେ । ଉଚ୍ଚ୍ ପର୍ବତ ମାଳା ଆମକୁ ବହୁତ କିଛି ଶିକ୍ଷା ଦିଏ । ମନୁଷ୍ୟ ଜୀବନ ରେ ଘଟୁଥିବା ଦୁଃଖ, କଷ୍ଟ, ବାଧା, ବିଘ୍ନ , ଘାତ ପ୍ରତିଘାତ କୁ କିପରି ସାହସ ର ସହିତ ମୁକାବିଲା କରିବାକୁ ହୁଏ ତାହା ପର୍ବତ ଠାରୁ ଶିକ୍ଷା ମିଳେ । ବିଶାଳ ସାଗର ମନୁଷ୍ୟ କୁ ସ୍ଥିତପ୍ରଜ୍ଞ ହେବା ପାଇଁ ଶିକ୍ଷା ଦିଏ । ଉଭୟ ସୁଖ ଓ ଦୁଃଖ ରେ ନିର୍ବିକାର ଅର୍ଥାତ ମନୁଷ୍ୟ ର ଆଚରଣ ଓ କାର୍ଯ୍ୟ ରେ କୌଣସି ପରିବର୍ତନ ହେବା ଉଚ୍ଚିତ ନୁହଁ । ସେଥିପାଇଁ ଏ ବିଶ୍ୱବ୍ରହ୍ମାଣ୍ଡ ରେ ମନୁଷ୍ୟ ଈଶ୍ୱର ଙ୍କର ସୁନ୍ଦର ସୃଷ୍ଟି ପ୍ରକୃତି ରୁ ଶିକ୍ଷା ଗ୍ରହଣ କରି ନିଜର ଆଚ୍ରରଣ କୁ ପରିମାର୍ଜିତ କରିବା ଉଚ୍ଚିତ ।ଏହି କାର୍ଯ୍ୟ କରିପାରିଲେ ମନୁଷ୍ୟ ସର୍ବଶେଷ୍ଠ ପ୍ରାଣୀ ଭାବେ ନିଜକୁ ପ୍ରତିପାଦିତ କରିପାରିବ ।ଏଥିରେ ସଂନ୍ଦେହ ର କୌଣସି ଅବକାଶ ନାହିଁ । ସୁସ୍ଥ ସମାଜ ଗଠନ କରିବା ରେ ତଥା ରାଷ୍ଟ୍ର କୁ ସର୍ବଶ୍ରେଷ୍ଠ ଗଢି ତୋଳିବା ରେ ଆଦର୍ଶ ଶିକ୍ଷକ ଙ୍କର ଭୂମିକା ଅତୁଳନୀୟ । କଥାରେ ଅଛି ଏକ ମାଛ ଟିଏ ଦାନ କରି ଆପଣ କେବଳ ଗୋଟିଏ ଥର ପାଇଁ କିଛି ବ୍ୟକ୍ତି ଙ୍କର କ୍ଷୁଧା ନିବାରଣ କରି ପାରନ୍ତି, କିନ୍ତୁ ମାଛ ଧରିବା ର ଉପାୟ ଶିକ୍ଷା ଦେଇ ଆପଣ ସେମାନଙ୍କୁ ସବୁଦିନ ପାଇଁ ଆତ୍ମନିର୍ଭରଶୀଳ କରିପାରିବେ , ଯାହା ଫଳରେ ସେମାନେ ନିଜ ଖାଦ୍ୟ ର ବ୍ୟବସ୍ଥା ନିଜେ କରିବା ପାଇଁ ଯୋଗ୍ୟ ଏବଂ ସାମର୍ଥ୍ୟ ହୋଇପାରିବେ । ସେହିପରି ଶିକ୍ଷକ ହେଉଛନ୍ତି ଭବିଷ୍ୟତର ନିର୍ମାତା, ଯିଏ ଏକ ପ୍ରଦୀପ ସଦୃଶ, ନିଜେ ଜଳି ଅନ୍ୟମାନଙ୍କ ପଥ କୁ ଆଲୋକିତ କରିଥାନ୍ତି । ଜଣେ ମହାନ ଆଦର୍ଶ ଶିକ୍ଷକ କେବଳ କଥା ରେ କୁହନ୍ତି ନାହିଁ, ନିଜ ଆଚ୍ରରଣ ଓ କର୍ମ ରେ ତାହା ପ୍ରଦର୍ଶିତ କରିଥାନ୍ତି । ଶିକ୍ଷକ ଙ୍କର ଉର୍ଦ୍ଦେଶ୍ୟ ହେଉଛି ଛାତ୍ର ଛାତ୍ରୀ ମାନଂକୁ ନିଜ ଭାବ ମୂର୍ତ୍ତି ରେ ଗଢି ତୋଳିବା ନୁହେଁ ବରଂ ନିଜର ଭାବ ମୂର୍ତ୍ତି ସୃଷ୍ଟି କରିପାରିବା ନିମନ୍ତେ ସେମାନଙ୍କୁ ଯୋଗ୍ୟ ଏବଂ ସାମର୍ଥ୍ୟ କରିଦେବା ।

ଶିକ୍ଷକ ହେଉଛନ୍ତି ବଗିଚ୍ଚାର ସେହି ମାଳି ସଦୃଶ, ଯିଏ କି ବଗିଚ୍ଚାରେ ରଙ୍ଗ ବେରଙ୍ଗ ଫୁଲ ରେ ସୁସଜ୍ଜିତ କରିଥାନ୍ତି । ଅର୍ଥାତ ବିଦ୍ୟାଳୟ ଯଦି ବଗିଚ୍ଚା ହୁଏ ସେହି ବଗିଚ୍ଚା ର ମାଳି ହେଉଛନ୍ତି ଶିକ୍ଷକ ଏବଂ ଶିଷ୍ୟ ହେଉଛନ୍ତି ସେହି ବଗିଚ୍ଚା ର ଫୁଲ । ଫୁଲ ର ରଙ୍ଗ ହେଉଛି ସେହି ବିଦ୍ୟାର୍ଥୀ ଙ୍କ ଉଜ୍ଜଳ ଭବିଷ୍ୟତ, ଅର୍ଥାତ କିଏ କଣ ହେବ । ଏ ବିଶ୍ୱବ୍ରହ୍ମାଣ୍ଡ ରେ ଯିଏ ଯେତେ ବଡ଼ ପଦବୀ ରେ ଅଧିଷ୍ଠିତ ହୋଇଥାଉ ନା କାହିଁକି ତାର ସଫଳତା ପଛରେ ଶିକ୍ଷକ ଙ୍କର ଭୂମିକା ରହିଥାଏ, ଏଥିରେ ସନ୍ଦେହ ର କୌଣସି ଅବକାଶ ନାହିଁ ।କଥା ରେ ଅଛି 'ସତ ଗୁରୁ ଯେବେ ମାରେ ଗୋଇଠାଅନ୍ଧାର ଘରେ ଜଳେ ବଇଠା'କବିର ଦାଶ କହିଛନ୍ତିଗୁରୁ ଗୋବିନ୍ଦ ଦୋ ଖୋଡ଼ା, କାକେ ଲାଗୁ ପାଏଁ,ବଲହାରୀ ଗୁରୁ ଆପେଁ ଗୋବିନ୍ଦ ଦିଏୟ ମିଳାଏ 'ଏହାର ଅର୍ଥ ଯେତେବେଳେ ଗୁରୁ ଏବଂ ସ୍ୱୟଂ ଭଗବାନ ଦୁଇ ଜଣ ଆପଣଙ୍କ ସମ୍ମୁଖରେ ଦଣ୍ଡାୟମାନ । ଆପଣ ସର୍ବ ପ୍ରଥମେ ଗୁରୁ ଙ୍କୁ ପ୍ରଣାମ କରିବେ । କାରଣ ଗୁରୁ ହିଁ ଆପଣଙ୍କ ର ପଥ ପ୍ରଦର୍ଶକ । ସେହିଁ କେବଳ ଗୋବିନ୍ଦ ଅର୍ଥାତ ଭଗବାନ ଙ୍କ ପାଖରେ ପହଁଚ୍ଚିବା ପାଇଁ ସଠିକ ମାର୍ଗ ଦର୍ଶାଇଥାନ୍ତି । ଶିକ୍ଷକ ଙ୍କୁ ସମ୍ମାନିତ କରିବା ପାଇଁ କୌଣସି ଦିନର ଆବଶ୍ୟକତା ନାହିଁ । କାରଣ ଶିକ୍ଷକ ସଦାସର୍ବଦା ଚ୍ଚିରନମସ୍ୟ , ଚ୍ଚିରପୂଜନୀୟ, ଚ୍ଚିରସମ୍ମାନିତ, ସର୍ବଶ୍ରେଷ୍ଠ । ତଥାପି ଅନେକ ଦେଶ ରେ ଶିକ୍ଷକ ଙ୍କୁ ସମ୍ମାନିତ କରିବା ପାଇଁ ଏକ ବିଶେଷ ଦିବସ ଘୋଷଣା କରାଯାଇଛି । ଆମ ଦେଶ ରେ ଏହା ସେପ୍‌ଟେମ୍ବର ୫ ତାରିଖ ରେଅତି ଆଡମ୍ବର ସହକାରେ ପାଳନ କରାଯାଏ । ଡ଼କ୍ଟର ରାଧାକୃଷ୍ଣନ ଙ୍କ ର ଶିକ୍ଷା ପ୍ରତି ଭାରି ରୁଚ୍ଚି ଥିଲା। ସେ କୁହନ୍ତି ଶିକ୍ଷକ ବିନା ଜଣେ ବ୍ୟକ୍ତି ଲକ୍ଷ୍ୟ ସ୍ଥଳରେ ପହଁଚ୍ଚିବା ଅସମ୍ଭବ । ଜଣେ ଉତ୍ତମ ଆଦର୍ଶ ଶିକ୍ଷକ ତାର ବିଦ୍ୟାର୍ଥୀ କୁ ସମସ୍ତ ବାଧା ବିଘ୍ନ, ଘାତ, ପ୍ରତିଘାତ କୁ ସାମନା କରିବା ପାଇଁ ପ୍ରସ୍ତୁତ କରିଥାଏ । ଯାହା ଫଳରେ ବିଦ୍ୟାର୍ଥୀ ଉଜ୍ଜ୍ୱଳ ଭବିଷ୍ୟତ ଗଢିବାକୁ ସମର୍ଥ ହୋଇଥାଏ । ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ ୪୦ବର୍ଷ ବୟସରେ ଶିକ୍ଷା କ୍ଷେତ୍ରରେ ତାଙ୍କର ଜୀବନ ଅତିବାହିତ କରିଥିଲେ । ସେ ସ୍ୱାଧୀନ ଭାରତ ର ଉପରାଷ୍ଟ୍ରପତି ଓ ପରେ ରାଷ୍ଟ୍ରପତି ଥିଲେ । ଶିକ୍ଷା ପ୍ରତି ତାଙ୍କର ଅତୁଳନୀୟ ଅବଦାନ ରହିଛି ଯାହାକୁ କିଛି ଶବ୍ଦରେ ପ୍ରକାଶ କରିବା ଅସମ୍ଭବ । ତେଣୁ ତାଙ୍କ ଜନ୍ମତିଥି କୁ ଗୁରୁ ଦିବସ ରୂପେ ପାଳନ କରାଯାଏ । ଶିକ୍ଷକ ହେଉଛନ୍ତି ସୁସ୍ଥ ସମାଜ ନିର୍ମାଣକାରୀ । ଯିଏ ଆମକୁ ନୈତିକ ମୂଲ୍ୟବୋଧ ଓ ମାନବିକତା ଶିକ୍ଷା ଦେଇଥାନ୍ତି । ଯାହା ଦ୍ୱାରା ଏକ ଉନ୍ନତ ରାଷ୍ଟ୍ର ନିର୍ମାଣ ରେ ଏହା ସହାୟକ ହୋଇଥାଏ । ଶିକ୍ଷକ ଙ୍କର ମହାନତା କୁ ବର୍ଣ୍ଣନା କରିବା ପାଇଁ ଦୁନିଆ ର ପ୍ରତେକ ଶବ୍ଦ ତାଙ୍କ ପାଇଁ ଛୋଟ ପଡିଯିବ ।'ଶିକ୍ଷକ ଙ୍କୁ ନା ପ୍ରଂଶସା ଲୋଡ଼ା, ନା ତାଙ୍କୁ ସୁନା ରୁପା ମୋତି ମାଣିକ ଭଳି ଦାମୀ ଉପହାର ଲୋଡ଼ା, ତାଙ୍କୁ ତ ବାସ ଆତ୍ମୀୟ ଶାନ୍ତି ଲୋଡ଼ା, ଆତ୍ମୀୟ ଶାନ୍ତି ଶିକ୍ଷକ କୁ ସେତେବେଳେ ମିଳେ ଯେତେବେଳେ ବିଦ୍ୟାର୍ଥୀ ର ଯଶଗାନ ସାରା ବିଶ୍ୱରେ ହୁଏ '। ବିଂଶ ଶତାବ୍ଦୀ ର ଆଧୁନିକ ଭାରତ ରେ ଗୁରୁଶିଷ୍ୟ ର ପରମ୍ପରା ଧୀରେ ଧୀରେ କଳଙ୍କିତ ହେବାରେ ଲାଗିଛି ।ତେଣୁ ବିଦ୍ୟାର୍ଥୀ ଓ ଶିକ୍ଷକ ଏହାର ମହତ୍ତ୍ୱ କୁ ବୁଝିବା ନିହାତି ଆବଶ୍ୟକ । ଏହା ଦ୍ୱାରା ଏକ ସୁସ୍ଥ ସମାଜ ଏବଂ ଉନ୍ନତ ରାଷ୍ଟ୍ର ନିର୍ମାଣ ହୋଇ ପାରିବ । ଗୁରୁ ଶିଷ୍ୟ ପରମ୍ପରା ରେ ଯେପରି ପ୍ରଶ୍ନ ଚ୍ଚିହ୍ନ ନ ଲାଗେ ସେଥିପ୍ରତି ଯଥେଷ୍ଟ ସଚେତନ ହେବା ଆମର କର୍ତବ୍ୟ ।

ଗୋପାଳପୁର,, ବାଲେଶ୍ୱର,,
ମୋ-୭୦୨୦୬୧୧୩୦୦




# ଉପଦ୍ରବ


ସସ୍ମିତା ପାତ୍ର

ଘରେ ମୂଷା ଙ୍କର ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି କି ହଇରାଣ କରି ରଖିଛନ୍ତି । ଟେବୁଲ ଉପରେ କିଛି ଖାଇବା ଜିନିଷ ରଖି ବାକୁ ହେଉନାହିଁ । ଭୁଲ ରେ ଛାଡିଦେଲେ ସକାଳୁ ପ୍ୟାକେଟ ଗାୟବ । ବିରକ୍ତି ଭାବେ କହିଲେ ମିନତୀ ।

କଥା ଟା ଶୁଣି ଶ୍ୟାମ ବାବୁ କହିଲେ,'ପେଷ୍ଟ କଣ୍ଟ୍ରୋଲ କୁ ଡାକି ମୂଷା ମାରିବା ଔଷଧ ପକାଇବାକୁ ପଡିବ ।

ଏଇ ବିଗତ ମାସ ର କଥା ସେ ମୂଷା ଙ୍କର ପାଇଁ ଟ୍ରାପ ଆଣି ପକାଇ ଥିଲା କିନ୍ତୁ କିଛି କାମ ଦେଲା ନାହିଁ । ମୂଷା ଟ୍ରାପରୁ ଚାଲକି କରି ଖାଇବା ତକ ନେଇ ଚାଲି ଯାଉଥିଲା । ସେମାନଙ୍କର ବଂଶ ବଢ଼ି ବାରେ ଲାଗିଲା ।ଘରେ ବସି ଉଠାଇ ଦେଲେ ନାହିଁ । କେତେବେଳେ ଆଳୁ ପିଆଜ ଉପରେ ଆକ୍ରମଣ କଲେଣି ତ କେତେବେଳେ ରୁଟି କେସେ୍ରୋଲ ରେ କଭର ଖୋଲି ରୁଟି ନେଇ ଗଲେଣି । ମନକରି ସବୁ ତକ ଆଲମାରୀ ଭିତରେ ରଖିବାକୁ ପଡୁଛି । କି ଉପଦ୍ରବ ରାତି ରେ ଲାଇଟ ଲିଭିଲା ପରେ ଦିନେ ପାଣି ବୋତଲ ନେବା ପାଇଁ ଆସିଲା ବେଳେ ଟେବୁଲ ଉପରେ ବିରାଟ କାୟ ମୂଷା ବସି ମୋତେ ଏକ ଲୟ ରେ ଦେଖିବାକୁ ଲାଗିଲା । ମନେ ମନେ ଭାବିଲି ବୋଧେ ଡରଭୟ ଫିଟି ଯାଇଛି ନିଜ ଘର ଭଳିଆ ବୋଧେ ଲାଗୁଛି ଏଣୁ ମତେ ଦେଖି ନ ଯାଇ ଟେବୁଲ ଉପରେ ବସିଛି ।ମୋତେ ଲାଗିଲା ମୂଷା ବିରକ୍ତି ରେ କହୁଛି, ମୋ ବୁଲିବା ସମୟରେ ତୁମେ କାହିଁ ଆସିଲ ମୋତେ ରାଜୁତି କରିବାକୁ ଦିୟ ନ ହେଲେ ମୁଁ ସବୁ କାଟି ଭ୍ରଷ୍ଟ କରିଦେବି ।ମିନତୀ ପାଖକୁ ଯିବା ପରେ ମଧ ଏକ ଇଞ୍ଚ ଘୁଞ୍ଚି ନ ଥିଲା ।ମିନତୀ ଜୋ୍ରେ କରି ଚିତ୍କାର କରିଥିଲା । ପାଟି ଶୁଣି ଶ୍ୟାମ ବାବୁ, ଝିଅ ମିତୁ, ପୁଅ ସୌରଭ ଦୌଡ଼ି ଆସିଥିଲେ । ଏତେ ଜଣକୁ ଦେଖି କଉଁ କଣକୁ ଚାଲିଯାଇ ଥିଲା ।

ମୂଷା ର ଉପଦ୍ରପ ସମସ୍ତଙ୍କୁ ହଇରାଣ କରିଦେଇଥିଲା । ଏଣେ ଘରେ ଜେଜେ ବାପା ମୂଷା ମାରିବା ପାଇଁ କାଲି ବାରଣ ଆଉ ଯୁକ୍ତି କରି ମିନତୀ ର ମୁଣ୍ଡ ଖାଇ ଦେଉଥାନ୍ତି ।କଣ ନା ମୂଷା କୁ ମରିବାକୁ ହେବ ନାହିଁ ଯନ୍ତା ଆଣି ମୂଷା ମାର ।ଔଷଧ ପକାଇଲେ ମୂଷା କେଉଁ କଣରେ ପଡି ମରିବ ଠିକଣା ନାହିଁ । ତିନି ଚାରି ଦିନ ପରେ ଗନ୍ଧ ହେଲେ ଜଣା ପଡିବ ମୂଷା ମରିଛି ।ଗନ୍ଧ ରେ ଘରେ ଶୋଇବସି ହେବ ନାହିଁ । ଏଣୁ ଔଷଧ ଦିଆ ଯାଇ ପାରିବ ନାହିଁ ।

ସେ ଏତେ ଜିଦ କରୁଥିଲେ ଜେ ପେଷ୍ଟ କଣ୍ଟ୍ରୋଲ ରେ ଯିଏ ଆସିଲେ ଦୌଡ଼ି ଯାଇ ତାକୁ ବାହାରୁ ବିଦା କରି ଦେଉଥିଲେ । ଆଉ କାହାକୁ କିଛି କହୁ ନ ଥିଲେ ।

ମିନତୀ ପୁଣି ଥରେ ପେଷ୍ଟ କଣ୍ଟ୍ରୋଲକୁ ଫୋନ କରି କମ୍ପ୍ଲେନ କରୁଥିଲା ।ସେମାନେ କହୁଥିଲେ ମାଡାମ ଯେତେ ବେଳେ ପଠାଇଲେ ଆପଣ ଙ୍କର ଘର ମୁହଁରୁ ଲୋକକୁ ତଡି ଦିଆଯାଉଛି । ଆପଣ ଯେଉଁ ସମୟରେ ରହିବେ ସେ ସମୟରେ ହିଁ ଲୋକ ପଠାଇବି । ମିନତୀ ବିରକ୍ତ ହୋଇ ଘରେ ପଚାରିଥିଲେ ସମସ୍ତଙ୍କୁ ସବୁ ମୁଣ୍ଡ ଟୁଙ୍ଗାରି ମନା କରିଥିଲେ କାହିଁ କେହି ତ ଆସି ନାହିଁ । ମିନତୀ ବିରକ୍ତ ହୋଇ କହିଲେ, ମୋତେ ଲାଗୁଛି ଦୁହିଁଙ୍କର ମଧ୍ୟରୁ କେହି ଜଣେ ମିଛ କହୁଛି ହେଲେ ମୁଁ କେମିତି ଜାଣିବି ।

ଇତି ମଧ୍ୟରେ ମୂଷା ଉପଦ୍ରବ ଅତିଷୟ ହୋଇ ଉଠିଥିଲା ।ପ୍ରଥମେ ରାତିରେ ଯାହା ଟେବୁଲ ଉପରେ ରଖି ଥିବ ତାକୁ ଖଣ୍ଡିଆ କରିଦେଇଥାଏ । ଶୋଇବା ଆଗରୁ ସବୁ ଫଳମୂଳ କୁ ଆଲମାରୀ ଭିତରେ ରଖିବାକୁ ପଡୁଥିଲା । ଦିନେ ନ ରଖିଲେ ସକାଳୁ ମୂଷା ଫଳ କୁ ଖଣ୍ଡିଆ କରି ଟେବୁଲରେ ଛାଡି ଦେଉଛି । ରାତିରେ ମିନତୀ ସମସ୍ତ ଙ୍କୁ ଡିନର ଦେଇ କ୍ୟାସେ୍ରୋଲରେ ନିଜ ପାଇଁ ରୋଟି ରଖି ସନ୍ଧ୍ୟାରେ ଓ୍ୱାକ ଯାଇ ଆସିଥିଲେ ଘଣ୍ଟାଏ ପରେ ହାତ ଧୋଇ ଡିନ୍ନର ଖାଇବା ପାଇଁ ଟେବୁଲ ପାଖକୁ ଆସି ଦେଖିଲା ବେଳକୁ କେଶରୋଲ ର କଭର ଖୋଲା ଅଛି ଆଉ ରୋଟି ନାହିଁ । ଭୋକ ରେ ଚିଲେଇ ଥିଲେ ମିନତୀ, କିଏ ରୋଟି ରଖିଥିଲି ଆଉ ନେଇ ଚାଲିଗଲା କି ଖାଇଦେଲା । ମଣିଷ କାମ କରିବ ଆଉ ଘର ଲୋକଙ୍କର ଟିକିଏ ଦୟା ନାହିଁ ରୁଟି ଖାଇ ମୁଁ ଆସିବା ଜାଣିପାରି କଭର ନ ଘୋଡାଇ ଛାଡି ଚାଲିଯାଇଛି । ପୁଣି ସମସ୍ତେ ନିରବ କେହି କିଛି ଜବାବ ଦେଇନଥିଲେ । ମିନତୀ ବିରକ୍ତ ହୋଇ ତରକାରୀ ଆଉ

ପାଉଁରୁଟି ଖାଇ ସୋଇଥିଲେ । ରୁଟି କିଏ ଖାଇଲା ?

ସକାଳ ହେଲା ଚକରାଣୀ ଝାଡୁ ମାରିବା ବେଳେ ଆଲମାରୀ ତଳୁ ଅଧା ଖିଆ ରୁଟି ମିଳିଲା । ମିନତୀ କହିଲା, ହେ ଭଗବାନ ! !ଇୟେ କଣ ହେଲା ମୁଁ ବିରକ୍ତ ହେଲି ସମସ୍ତଙ୍କର ଉପରେ କିନ୍ତୁ କାଣ୍ଡ କରିଛି ମୂଷା । ବିଶ୍ୱାସ ହୋଇ ନ ଥିଲା ନିଜକୁ । ମୂଷା କଣ ଏତେ ଚାଲାକ ହୋଇଗଲା ଲିଡ଼ କାଡି ରୁଟି ନେଇ ଖାଇ ଦେଇଛି ।ମିନତୀ ପୁଣି ରାତିରେ କ୍ୟାସ୍‌ସେ୍ରୋଲ ରେ ରୁଟି ରଖିଲେ ହଟାତ କିଏ କଭର କାଡିଲା ଶବ୍ଦ ଆସିଲା ଦୌଡ଼ି ଆସିଲା ବେଳକୁ ମୂଷା ନାହିଁ ଟେବୁଲ ରେ କିନ୍ତୁ ରୁଟି ନେବା ଚେଷ୍ଟା ହେଇଛି । କିଏ କାଢୁଛି ମିନତୀ ବିରକ୍ତ ହୋଇ ଥିଲା ।

କିଛି ଦିନ ସେମିତି ରୁଟି ଗାୟବ ହୋଇ ଯାଉଥାଏ । ମିନତୀ କିଛି ବୁଝି ପାରୁନଥିଲେ । ରୁଟି ଟୁକୁଡା ମିଳୁଥିଲା କେବେ କବାଟ କଣରେ ତ କେବେ ଆଲମାରୀ ତଳେ ପୁଣି କେବେ ମିଳୁ ଥିଲା ଚୁଲି ତଳେ ଯେଉଁ ଦିନ ଚୁଲି ତଳେ ମିଳିଲା ମିନତୀ କହିଲା ନାଁ ଏ କାମ ମୂଷା ଛଡା ଆଉ କାହାରି ନୁହେଁ ।

ମୂଷା କଣ ମୋ ତୁଳସୀ ଗଛ କୁ ଖାଏ ଆରେ କଣ କରୁଛି ମୂଷା ମିନତୀ କହିଲା । ତୁଳସୀ ଗଛର ମୂଳରୁ ସବୁ ଖାଇ ଗଛ ଉପାଡି ଦେଉଛି । ଯେତେ ଗଛ ଲଗେଇଲେ ନଷ୍ଟ କରିଚାଲିଛି ମୂଷା । ପୁଣି ଦିନେ ବାଲକୋନୀ ରେ ଲୁଗା ଟିକିଏ ଓଦା ଅଛି କହି ଛାଡି ଦେଇଥିଲା ସନ୍ଧ୍ୟାରେ ଆଣିବାପାଇଁ ସେ ପୁଣି ଶଶୁର ଙ୍କର ନୂଆ କୁର୍ତ୍ତା । ସକାଳୁ ଶଶୁର ଙ୍କର ଜୋର ପାଟି ଶୁଣି ମିନତୀ ଘର ର ସମସ୍ତେ ଦୌଡ଼ି ଗଲେ । ଛୁଆ ଙ୍କର ଭଳିଆ କାନ୍ଦ କାନ୍ଦ ହୋଇ କୁର୍ତ୍ତା କୁ ଦେଖାଇ ଥିଲେ ଦେଖ ମୋର ନୂଆ କୁର୍ତ୍ତା କୁ ମୂଷା କାଟି ଅଧା ଖଣ୍ଡ ଖଣ୍ଡ କରି ଦେଇଛି । ମିନତୀ ତୁମେ ଆଜି ହିଁ ପେଷ୍ଟ କଣ୍ଟ୍ରୋଲ କୁ ଫୋନ କରି ଡକାଅ । ମିନତୀ ଫୋନ କରି ଡାକି ଥିଲା ଆଉ କହିଲା ମୁଁ ଘରେ ଅଛି ଆସିବ । ସେ ଦିନ ସେ ଆସି ନ ଥିଲା । ସମସ୍ତେ ବିରକ୍ତ ହୋଇ କହିଲେ, ଇଏ କଣ ଫୋନ କରି ଡାକିଲେ ଭି ଆସୁ ନାହିଁ ଆଉ କହୁଛି କଣ ନା ମୁଁ ଆସିଥିଲି ଘର ଲୋକ ମନା କରିଛନ୍ତି ।

ସେ ଦିନେ ରାତିରେ ମୂଷା ଶଶୁରଙ୍କର ଟେବୁଲ କୁ ଯାଇ ବିସ୍କୁଟ ଡିବା କୁ ଚାରିଆଡୁ କାଟି ଦେଇଥିଲା ।ରାତି ସାରା କୁଟୁ କୁଟୁ ଶବ୍ଦ କିଛି ଜୋ୍ରେ ସୋର ଧରଣ ର କଟା ଚାଲିଛି । ସକାଳ ପହିଲା ବେଳକୁ ବିସକୁଟ ଡିବା କୁ ଚାରି ଆଡୁ କାଟି ଦେଇଛି ।ବିସ୍କୁଟ ଖାଇ ପରିନାହିଁ କିନ୍ତୁ ଚେଷ୍ଟା ଚଲାଇଚି ଖାଇବା ପାଇଁ ପହଂଚି ପାରି ନାହିଁ ।ଶଶୁର କହିଲେ, ଏଥର ପେଷ୍ଟ କଣ୍ଟ୍ରୋଲ କୁ ଡାକି ଔଷଧ ଦିଆଯାଉ ଭାରି ଉଦ୍ଧତ ହେଇଛି ମୂଷା ।

ଫୋନ କରି ମିନତୀ ନିର୍ଦ୍ଧୁମ ଗାଳି କରି ଥିଲା ଏତେ ଫୋନ କଲେ କାହାରିକୁ ପଠାଉ ନାହାନ୍ତି ମୁଁ ତ ଘରେ ଅଛି କେହି ଆସିନାହାନ୍ତି । ଠିକ ମାଧ୍ୟାନ୍ନ ରେ ପେଷ୍ଟ କଂଟ୍ରୋଲ ବାଲା ଦୁଇ ଜଣ ଆସିଥିଲେ । ମୁଷଙ୍କୁ ପେପେର ଚିରି ଔଷଧ ରଖା ହେଲା । ଟିଭି ଦେଖିବା ସମୟରେ ପୁଅ ସୌରଭ, ଝିଅ ମିତୁ ଶ୍ୟାମ ବାବୁ ବସି ବିଳମ୍ବ ରାତି ପର୍ଯ୍ୟନ୍ତ ଦେଖି ଥିଲେ ।ରାତି ରେ ମୂଷା ଙ୍କର ବଂଶ ବାହାରି ଜଣକ ପରେ ଜଣେ କାର୍ପଟ କୁ ଆସି ଥିଲେ । ଲାଗିଲା ଯେମିତି ମୂଷା ପରିବାର ଭ୍ରମଣ ରେ ବାହାରିଛନ୍ତି ।ପ୍ରଥମେ ଆସିଲା ବଡ଼ ମୂଷା ତାପରେ ଗୋଟିଏ ଗୋଟିଏ କରି ଆସିଲେ ମୂଷା ଚାରୋଟି । ବାପା, ମା, ପିଲା ମାନେ ସମସ୍ତେ ଏକାଠି ଇଭନିଂ ବାକ କରୁଛନ୍ତି ଅତି ଆନନ୍ଦ ମନେ । ମିତୁ କହିଲା, ସେମାନେ କେତେ ନିଡ଼ର ହୋଇଯାଇଛନ୍ତି ଆମକୁ ଦେଖି ନ ଲୁଚି ରୁମ ଚାରିଆଡେ ବୁଲୁ ଛନ୍ତି । ସୌରଭ ସେମାନଙ୍କର ଫୋଟୋ ନେଇ ଥିଲା ଆଉ ମିନତୀ ଜେଜେଙ୍କୁ ସକାଳେ ଦେଖାଇ ଥିଲା ।ଜେଜେ କହିଥିଲେ, ଘରର ଖାଦ୍ୟ ଖାଇ ସବୁ ତକ ବହୁତ ହୃଷ୍ଟପୃଷ୍ଟ ଦିଶୁଛନ୍ତି । କାହାକୁ ଡରୁ ନାହାନ୍ତି ଆମକୁ ନିଜର ବୋଲି ଭାବୁଛନ୍ତି କିନ୍ତୁ ଶତ୍ରୁ ର କାମ କରୁଛନ୍ତି ।ପୁଣି ଜେଜେ କହିଲେ, ସେ ତାଙ୍କ ଧର୍ମ କରୁଛନ୍ତି କଟାକଟି କରି ନଷ୍ଟ କରି ଦେଉଛନ୍ତି ।

ରାତିରେ ପୁଣି ମୂଷା ଆସି ଆରାମରେ ବୁଲି ଖେଳି ଯାହା ପାଇଲା ତାହା କାଟି ଚାଲିଥାଏ । ଏ ମୂଷା କଣ ଔଷଧ ର ରହସ୍ୟ ଜାଣିଛି ନା କଣ ଆଜିକୁ ସପ୍ତାହେ ହେବ ନ ମରି ଭାରି ଉପଦ୍ରବ କରୁଛି । ଖାଇବା ଘର ର କବାଟ ବନ୍ଦ କରିବାରୁ ଲାଗିପଡି ତିନି ଦିନ କବାଟ କୁ କଣା କରି ଦେଲା । ମୂଷା ମାରିବା ଔଷଧ କୁ ପୁଣି ଅଟ୍ଟା ରେ ମିଶାଇ ତାର ଚଳିବା ରାସ୍ତା ରେ ଦିଆ ଗଲା । ରାତି କିନ୍ତୁ କେହି କିଛି ମୂଷା କାଟିବା ଶବ୍ଦ ଶୁଣି ପାରିଲେ ନାହିଁ ଭଗବାନ ଯାହା କାଟି ଦେଇଛି ମୂଷା କିଛି କହିହେବ ନାହିଁ ।ତିନି ଚାରି ଦିନ ପରେ ଶଶୁର ଙ୍କର ରୁମରୁ ମଲା ଗନ୍ଧ ଆସିଥିଲା ସବୁ ଜିନିଷ କାଢି ଦେଖିଲା ବେଳକୁ ମୂଷା ଖଟ ତଳେ ବ୍ୟାଗ ଭିତରେ ମରି ଯାଇ ଥିଲା । ସମସ୍ତେ ଦୀର୍ଘନିଶ୍ୱାସ ଛାଡିଲେ କି ମୂଷା ମଲା ଆଉ ଘରେ କିଛି କଟା କଟିକମ ହେବ । ଅନ୍ୟ ମୂଷା ସେ ଦିନ ରାତିରେ ଟେବୁଲ ଉପରେ ଥିବା ଆପୁଲ କୁ ଖଣ୍ଡିଆ କରି ଦେଇଥିଲା ମିନତୀ ର ମୁଣ୍ଡ ଗରମ ହୋଇଥିଲା ଆପୁଲ କୁ ଦେଖି । ତାର କିଛି ଦିନ କିଛି ସୋର ନ ଥିଲା ମୂଷା ଙ୍କର । ତିନି ଚାରୋଟି ମୂଷା ମରି ପଡ଼ିଥିଲେ ଖାଇବା ରୁମରେ ଆଉ ରୋଷେଇ ଘରେ । ଗୋଟି ଗୋଟି କରି ଫିଙ୍ଗା ହୋଇଥିଲା ଘରେ ସମସ୍ତେ ଶାନ୍ତି ରେ ରହିଲେ ।ବିଶେଷ କରି ମିନତୀ ମୂଷା ଙ୍କର ଠାରୁ ମୋତେ ଛୁଟକାରା ମିଳିଲା ବୋଲି ଖୁସି ରେ ଘରେ କହିଲେ, ଆଜି ଲଡ୍ଡୁ କରିବି ଆଉ ସମସ୍ତେ ଖାଇବା ଆଲମିରା ରେ ରଖିବି ନାହିଁ ଟେବୁଲ ରେ ରଖିବି ଯାର ଯେତେବେଳ ମନ ହେବ ସେ ଖାଇବ ।

ମୋ: ୯୦୩୧୮୧୬୫୨୮

## ଭାବର ବନ୍ଧନ

*ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ*



ନୂଆ ସକାଳର ଅଭିନନ୍ଦନ ନେଇ
ଥାଳି ଏ ସ୍ୱପ୍ନ ଧରି
ପହଞ୍ଚି ଯାଏ
କୋଉ ଏକ ଛକରେ ....
ଜାଣେନା ଭାଇ ତାର
ରଖିଛିକି ମନେ
କୁନି ଭଉଣୀର ଗେଲବସରିଆ
ସ୍ନେହ ! !
ଆଖିରୁ ଲେଞ୍ଜରା ପୋଛି
ଧାଇଁ ଯାଏ...
ମନ ତାର କାହିଁ
କେତେ ଦୂର....
ଅଗନା ଅଗନି
ବନସ୍ତ ପାରି
ପହଁରି ଯାଏ ଆଖି ତାର।
ଚିହ୍ନି ପାରେନା କି
ଠଉରେଇ ପାରେନା
ରାସ୍ତାର ଲମ୍ବ ---
ଆଉ କୁହୁଡ଼ିର ଜଙ୍ଗଲ.....
କାହିଁ କେତେ ଦିନୁ
ଦେଖିନି ସେ ଭାଇ
ବାର୍ତ୍ତା ଆସେ ଖାଲି
ପ୍ରତି ବର୍ଷ ପରି
ଓ୍ୱାଟ ସ୍ ଏପ୍ ରେ
'ରାକ୍ଷୀ ତୋ ପାଇଛି' ।
ମନେ ପଡେ ସେତେବେଳେ
ମାଆ ର ଛିଣ୍ଡା ପଣତ ର
ଭୂରୁଭୂରୁ ବାସ୍ନା.....
ବାପାଙ୍କ ନାଲି ଆଖିଆ ଶ୍ରଦ୍ଧା.....
ଆଖିରେ ଜମା ହୁଏ
ଦୁଃଖ ସୁଖ ର କୁହୁଡି
ଜୀବନ ଡାକେ
ଅତୀତ ଡାକେ
ଆଖିର ପେନ୍ଥା ପେନ୍ଥା
ଲୁହ ଡାକେ..
ହାତରେ ଧରି
ଥାଳି ଭର୍ତ୍ତି ଭେଟି
ଯାକୁହିଁ କହନ୍ତିକି
'ଭାବର ବନ୍ଧନ' ?

*ଜାମସେଦପୁର ଝାଡ଼ଖଣ୍ଡ*

## ଭଙ୍ଗା ବି ସୁନ୍ଦର

*ବିଭୂଦତ୍ତ ଦାସ*



ଭାଙ୍ଗି ବାର ବାର ସିଖେ ନୂଆ ଗଢିବାର ।
ଭାଙ୍ଗିବା ହିଁ ଦେଖାଏ ବାଟ ନୂଆ ଶିଖିବାର ।
ଶିଶୁ ମଧ୍ୟ ଚାଲିବା ଶିଖେ ପଡିକି କେତେଥର ।
ଏଇ ଭାଙ୍ଗି ପଡ଼ିବା ଦିଏ ଶିକ୍ଷା ନୂଆ କରିବାର ।
କିଛି ଜିନିଷର ମୂଲ୍ୟ ଭାଙ୍ଗିବା ପରେ ବଢ଼ି ଯାଏ
ଶୁଣିଛି ଆଉ ଦେଖିଛି ମୁଁ ଅନେକ ଥର ।
ସ୍ୱପ୍ନ ସେକେ ରଖି ଚୁଲି ଉପରେ ଭାଙ୍ଗିଲା ପରେ
କିନ୍ତୁ ହରେ ନାହିଁ ଜମା ପୁନଃ ସ୍ୱପ୍ନ ଦେଖିବାରେ ।
ଜାପାନ ର ସହର କିଂସୁଖି ରେ ଭଙ୍ଗା ସିରମିକ ପାତ୍ର
ସେଇ ପାତ୍ର ର ଫାଟ କୁ ସୁନେଲି ସିମେଣ୍ଟ ରେ ଭର୍ତି
କରା ଯାଏ ଆଉ ନୂତନ ରୂପ ରେ ରଖା ଯାଇଥାଏ।
ସେ ନୂତନ ପତ୍ର ଆମକୁ କହେ ଦେଖ ଭଙ୍ଗିଛି ଆଉ
ପୁନଃ ଉଠିଛି ଆଉ ଏକ ନୂଆ ରଙ୍ଗରେ ଦିଶୁଛି ସୁନ୍ଦର !
ସ୍ୱପ୍ନର ତାଜମହଲ ଗଢେ ମୁଁ ପ୍ରତେକ ରାତ୍ରୀରେ
ରତିପାହିଲେ ମୋ ମହଲ ଟି ମିଶିଯାଏ ପବନରେ
ସେଇ ପବନ ବି ପୁନଃ ଆଣି ଆସେ ସ୍ୱପ୍ନ ନୂଆ
ନୂଆ କରିବାପାଇଁ କିଛି ପୁଣି ହୁଏ ମନ କିମିଆ ।
ଭଙ୍ଗା ଚାଳ ଘରଟି ମନେପକାଇ ମୋ ଛୁଆବେଳ
ହସ ଖୁସି ଆଉ କିସୁନ୍ଦର ଥିଲା ମୋ ବାଲିଖେଳ।
ତାରା ଭରା ଆକାଶେ ସାଧାରଣ ସମସ୍ତ ତରାମାନ।
ହେଲେ ଖସିପଡ଼ି ଥିବା ତରଟିହିଁ ଅଟେ ମୂଲ୍ୟବାନ ।
ଶୁଣିଛି ସେ କଥା ୧୨ ସହ ବଢେଇ ନେଲେ ୧୨ ବର୍ଷ
୧୨ସହ ମସିହାରେ ଗଢ଼ିବାକୁ ସୂର୍ଯ୍ୟ ରଥ, ମୋ ଇତିହାସ ।
ଗର୍ବ ଗୌରବ ଗାନ କରି ଠିଆ ହେଲା ସେ ଅନନ୍ୟ କୋଣାର୍କ
ପୂର୍ଣ୍ଣ ନହୋଇ ବି ଭଙ୍ଗା ମନ୍ଦିର ଏଠି ବିଚ୍ଛୁରାଏ କୀର୍ତ୍ତି ସୁବାସ
ଅପୂର୍ବ କାରୁକାର୍ଯ୍ୟରେ ଭରା ଭଙ୍ଗା ମନ୍ଦିରେ କ୍ଷେତ୍ର ସେ ଅର୍କ।
ଜନ୍ମଦିନରେ ପ୍ଲେଟ ଭଙ୍ଗବା ସଂସ୍କୃତି ଗ୍ରିକ୍ ର ।
ଭାଙ୍ଗିବା ଏଇଠି ବ୍ୟକ୍ତ କରେ ଆନନ୍ଦ ମନର ।
ରାଗ ଅହମ୍ ଗର୍ବ ଏମିତି ଭଙ୍ଗୁ ସଭିର
ପ୍ରେମ, ଶୋହାର୍ଦ୍ଦ୍ୟରେ ପୂରୁ ସଭିଙ୍କ ଚରିତ୍ର।
ଭାଙ୍ଗିବାକୁ ଡର ନାହିଁ ଜୀବନେ ବାର ବାର
ଭାଙ୍ଗି ଠିଆ ହେବି ହୋଇ ସୋମନାଥ ମନ୍ଦିର ।
ଭୁଲ ବିନା ଅସମ୍ପୂର୍ଣ୍ଣ ଶିକ୍ଷା ଏଇ ଜୀବନର ।
ଠିଆ ହେବା ପାଇଁ ପଡ଼ି ଅଛି ମୁଁ ବାର ବାର ।
ଭାଙ୍ଗିବା ପଡ଼ିବା ଶିକ୍ଷା ଦିଏ କିଛି ନୂଆ ଗଢିବାର ।

*ମାର୍ଫତ - ଏସ.ଏସ. ସାହୁ*
*ପ୍ଲଟ - ୪୩୬*
*ଲନେ-୩ , ନୂଆସାହି ,*
*ନୟାପଲ୍ଲୀ, ଭୁବନେଶ୍ୱର-ପିନ୍ -୭୫୧୦୧୨*
*ଫୋନ -୮୪୫୬୯୨୩୭୨୩*

## ଗର୍ଭସ୍ଥ କନ୍ୟା ଭୃଣର ଅବଶୋଷ

*ସନ୍ଧ୍ୟାରାଣୀ ଶତପଥି*

କନ୍ୟା ଭୃଣ ଟିଏ ମୁଁ ନା,
ମନେ ମୋର ଅନେକ ଭାବନା,
ଆଲୋକ ଶିଖାର ଜ୍ୟୋତି ଦେଖିବା ଆଗରୁ,
ଜୀବନ ପାଲଟି ଯାଏ ଶୁଷ୍କ ଭୂମି ମରୁ,
ମୋର ମନେ ଅବଶୋଷ (୨ଥର)....।୧।
କିବା ଅପରାଧ ମୋର,
ଜୀବନରୁ କଲ ମୋତେ ଦୂର,
ହଟାଇଲ ଜୀବନରୁ ମୋତେ ସବୁଦିନ,
ମୋ ପାଇଁ ଧାରଣା କଲ ମନେ ତୁମ ହୀନ,
ପ୍ରାଣେ ନ ସଂଚାରଇ ନିଶ୍ୱାସ,
ମୋର ମନେ ଅବଶୋଷ (୨ଥର)....।୨।
ନିଷ୍ପାପ ମୁଁ ଶିଶୁ ପ୍ରାଣ,
ଭୃଣ ହତ୍ୟା ପାପ ପରା ଜାଣ,
ପିତା ମାତା ତୁମେ ପରା ଦ୍ୱିତୀୟ ଇଶ୍ୱର,
ତବ ପାଦ ତଳେ ସଦା କରେ ନମସ୍କାର,
କିଏ ମୋରେ କରିବ ଉଶ୍ୱାସ,
ମୋର ମନେ ଅବଶୋଷ (୨ଥର)....।୩।
ସ୍ନେହମୟୀ ମାଆ ମୋର,
କାହିଁ ପାଇଁ ତୁମେ ମୋତେ ମାର,
ପୁରାଣେ ବର୍ଣ୍ଣିତ କନ୍ୟା ଲକ୍ଷ୍ମୀ ସରସ୍ୱତୀ,
ମାଆ ହୋଇ ନଷ୍ଟ କର କାହିଁ ମୋ ଶକତୀ,
କୃପା ମୋରେ ରଖହେ ଅଶେଷ,
ମୋର ମନେ ଅବଶୋଷ (୨ଥର)....।୪।
ଝିଅ ବୋଲି ବୋଝ ଭାବି,
ନଶୁଣ ମୋ ଆର୍ତ୍ତତ୍ରାଣ ଦାବି,
ପିତା ସ୍ୱର୍ଗ ପିତା ଧର୍ମ ମାତା ଯେ ଧରିତ୍ରୀ,
ଲକ୍ଷ୍ମୀ ବାଇ ପରି ଶୋଭା ମାତା ଯେ ସାବିତ୍ରୀ,
ପିତା ପରା ଅଟନ୍ତି ଆକାଶ,
ମୋର ମନେ ଅବଶୋଷ (୨ଥର)....।୫।
ମାଆ ପାଇଁ ତା ସନ୍ତାନ,
ଅଟେ ତାର ହୃଦର ସ୍ପନ୍ଦନ,
ହେଉ ଅବା ପୁତ୍ର ଅବା ହେଉ କନ୍ୟା ରତ୍ନ,
ମମତାର ବାରି ଢାଳି କରିଥାଏ ଯତ୍ନ,
ପ୍ରଭୁ ପାଦେ ଲୋଡଇ ଆଶିଷ,
ମୋର ମନେ ଅବଶୋଷ (୨ଥର)....।୬।
କରୁଛି ଗୁହାରୀ ମୁହିଁ,
ମୋ ବିକଳ ନଶୁଣୁଛ କାହିଁ,
ପରିସ୍ଫୁଟ ନହେବା ଆଗରୁ ମୋତେ ମାରି,
ମନେ ସଦା ଭାବି ନେଉଅଛ ମୋତେ ଭାରି,
ମାନିଥାନ୍ତି ସଦା ମୁଁ ନିର୍ଦ୍ଦେଶ,
ମୋର ମନେ ଅବଶୋଷ (୨ଥର)....।୭।
କାରୁଣିକା ଲୁହ ଧାରା,
ନଶୁଖଇ ସୂର୍ଯ୍ୟ ତେଜେ ପରା,
ଆଜି ସଂସ୍କାର ବିହୀନ ଚିନ୍ତାଧାରା ଦେଖି,
ବୈରାଗ୍ୟାଭି ମୂଖେ ବୁଦ୍ଧ ବୁଜିଛନ୍ତି ଆଖି,
ଏ ଯେ ତାଙ୍କ ଶିକ୍ଷା ଉପଦେଶ,
ମୋର ମନେ ଅବଶୋଷ (୨ଥର)....।୮।
ସ୍ରଷ୍ଟାଙ୍କର ଦାନେ ପରା,
ଆଜି ହେଲି ତୁମ ଗର୍ଭ ? ଭରା,
ତଥାପି କାହିଁ କେଜାଣି ମାରି ଦିଅ ମୋତେ,
ରକ୍ତ ହୋଇ ତୁମେ ମୋର ଶତ୍ରୁ ସାଜ ସତେ,
ଭୃଣ ମୁହିଁ ନବୁଝେ ବିଶେଷ,
ମୋର ମନେ ଅବଶୋଷ (୨ଥର)....।୯।
ଭୃଣ ଟିଏ ଅଟେ ସିନା,
ମନେ ମୋର ଅନେକ ଯାତନା,
ସବୁ ପିତା ମାତାଙ୍କୁ ମୁଁ କରୁଅଛି ଆଜି,
କନ୍ୟା ଭାବି ଶୂନ୍ୟ କେବେ ନକର ମୋ ଥାଳି,
ସତ୍ୟର ହେବ ଯେ ଉଦ୍ ଭାଷ,
ମୋର ମନେ ଅବଶୋଷ (୨ଥର)।୧୦।

*ବ୍ଲକ-ଭାପୁର, ଜିଲ୍ଲା-ନୟାଗଡ*
*ମୋ:-୮୨୪୯୧୨୯୪୭୪*

# ମମତାର ଗଙ୍ଗା


*ସୁଚରିତା ମହାନ୍ତି*

ଘର ଛାଡ଼ିବା ର ଅନେକ ବର୍ଷ ବିତିଗଲାଣି। ସହରର ଚାକଚକ୍ୟ ଭିତରେ ହଜି ଯାଇଚି ସେଇ ଗାଁ ମାଟିର ମିଠା ମହକ,ହଜି ଯାଇଚି ଭାଗବତ ଟୁଙ୍ଗି ରୁ ଭାସି ଆସୁଥିବ 'ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ'ର ଭାବ ଭକ୍ତି ସ୍ୱର, ହଜି ଯାଇଚି ସାଙ୍ଗସାଥି ଙ୍କ କୋଳାହଳ, ହଜି ଯାଇଚି ଜୀବନର ପ୍ରତିଟି ବିମୁଗ୍ଧ ଲଗ୍ନ । ଏବେ ନିଇତି କଷଟି ପଥର ରେ କଷି ଚାଲିଚି ରୂପା ପରି ଝଲସି ଉଠୁଥିବା ଅତୀତର ସ୍ମୃତି ମାନଙ୍କୁ ଆଉ ବର୍ତ୍ତମାନ ରେ ଛନ୍ଦି ହୋଇପଡୁଥିବା ବୁଢ଼ିଆଣୀ ସୂତା ର କ୍ଷିଅ ମାନଙ୍କୁ। ଅନାବନା ଭାବନା ଗୁଡ଼ାକ ତା' ମନ ଓ ହୃଦୟକୁ ମନ୍ଥି ପକାନ୍ତି , ସେ କିଛି ବି କରିପାରେନି, ନିରବତା ଏକ ମାତ୍ର ସାହାରା । ତା'କଥା ଶୁଣିବା କୁ ଅଛି କିଏ ? ହୃଦୟ ର ଯେତେକ ଯନ୍ତ୍ରଣା ଚାପି ରଖି ପାଦ ଥାପେ ଆଗକୁ ଆଗକୁ। ଗାଁ ରେ ଏତେ ବଡ଼ ଘର ସମ୍ଭାଳି ପଡ଼ି ରହିଚି ବୁଢ଼ୀ ମା'ଟା ?।

ଗାଁ ରୁ ରମା ନାନୀ କଲ୍ କରି କହିଲା, ବାବୁ ରେ ତୁ କ'ଣ ଗାଁ କୁ ପୁରାପୁରି ଭୁଲିଗଲୁ !ଆମ ମାନଙ୍କ କଥା ଛାଡ଼ ନୂଆ ଭାଉଜ ଙ୍କ କଥା ତୋର କ'ଣ ମନେ ପଡ଼ୁ ?ନି, ଯିଏ ତୋତେ ଏଡ଼ିକିରୁ ଏଡୁଟେ କଲା, ମଣିଷ କରି ଦୁନିଆ ରେ ଠିଆ କଲା, ତୁ ତାକୁ ଥରେ ଦେଖିବାକୁ ଆସୁନୁ ।

ସତ୍ୟ କେବଳ ରମା ନାନୀ ର କଥା ଶୁଣୁଥିଲା ଉତ୍ତର ଫେରେଇବାକୁ ତା'ପାଖରେ କିଛି ଶବ୍ଦ ନଥିଲା। ସବୁ ଶୁଣିବା ପରେ ଏତିକି କହିଲା, ଯିବି ନାନୀ ।

କଣ୍ଠ ରୁଦ୍ଧ ହୋଇ ଆସୁଥାଏ, ଆଖି ରୁ କେଇ ବୁନ୍ଦା ଅମାନିଆ ଲୁହ ଚିବୁକ ଛୁଇଁବାକୁ ଭାରି ବ୍ୟଗ୍ର ଥାନ୍ତି। ଫୋନ୍ ରଖିଦେଇ ତକିଆ ଉପରେ ମୁହଁ ମାଡ଼ି ପଡ଼ି ଗଲା।

ସ୍ତ୍ରୀ ଆଗରେ ନିଜର କଥା ବଖାଣିବାକୁ ଟିକେ ମାତ୍ର ଇଛା ନଥାଏ।

ଗୋଟିଏ ଦିନ କଷ୍ଟେ ମଷ୍ଟେ ନିଜକୁ ସମ୍ଭାଳି ରହିଗଲା। ପରଦିନ ବଡ଼ି ଭୋରରୁ ଉଠି ନିତ୍ୟକର୍ମ ସାରି ସତ୍ୟ ବାହାରିଲା ନିଜ ଜନ୍ମମାଟିକୁ।

ସ୍ତ୍ରୀ ସଙ୍ଗୀତା ପଚାରିଲା କ'ଣ ହେଲା ଆଜି ଏତେ ସକାଳୁ କାମ ସାରି କୁଆଡ଼ ? ବାହାରିଲ ?

ସତ୍ୟ ଜୋତା ପିନ୍ଧୁ ପିନ୍ଧୁ କହିଲା ମା' ପାଖକୁ।

ସଙ୍ଗୀତା ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା ସତ୍ୟ କୁ ।

ସତ୍ୟ ଆଉ ପଦିଏ କିଛି କହିବାକୁ ଇଛା ନକରି ଗାଡ଼ି ଧରି ଚାଲିଗଲା। ଦୀର୍ଘ ଦିନ ଧରି ନିଜ ଛାତିରେ ଚାପି ରଖି ଥିବା ଯନ୍ତ୍ରଣା କୁ ଉପଶମ କରିବ ତା' ଗାଁ ମାଟି , ତା' ମା' କୋଳ, ସବୁ ଅଳି ଅରଦଳି କୁ ଝାଡ଼ି ଝୁଡ଼ି ସଫା କରି ଦେବ ତା' ମା'ର ପଣତ।

ଗାଡ଼ି ଆଗକୁ ଆଗକୁ ଯେତେ ବଢୁଥାଏ ସତ୍ୟର ସେତେ ସେତେ ଉତ୍କଣ୍ଠା ବଢ଼ି ବଢ଼ି ଚାଲିଥାଏ।

ଗାଁ କୁ ଯିବା ରାସ୍ତାରେ ଦୁଇ କଡ଼ରେ ପାଚିଲା ଧାନ ବିଲ, ସୋରିଷ କ୍ଷେତ କୁ ଦେଖି ମନେ ପଡ଼ିଯାଉଥାଏ ସେଇ ପିଲା ଦିନ କଥା। ମୂଲିଆ ମାନଙ୍କ ସହିତ କେତେ ଥର ଧାନ ବିଲ କୁ ଧାଇଁ ଯାଇଚି, ପାଚିଲା ଧାନ ଶିଷାକୁ ସାଉଁଟି ଟୋକେଇ ରେ ଭର୍ତ୍ତି କରି ଆସି ମା'କୁ ଦେଖେଇ କହିଚି ମା' ଲ ଦେଖ୍ ମୁଁ କେତେ ଧାନ ଶିଷା ଆଣିଚି।

ମୂଲିଆ ମାନଙ୍କ ସହିତ ଖଳାରେ ପତୁଳି ପକେଇ ଗୁଣୁଗୁଣୁ ହୋଇ ଗୀତ ଗାଇବା ବେଳେ ସେମାନେ ହସିଦେଇ ପଚାରନ୍ତି ବାବୁ କି ଗୀତ ଗାଉଚୁ, ବିଚରା ସତ୍ୟ ଲାଜେଇ ଯାଏ ।

ହସଖୁସିର ଦିନ ଗୁଡ଼ିକରେ କ'ଣ ଗ୍ରହଣ ଲାଗିଗଲା କି !

କୁଆଡ଼ ? ଲୁଚିଗଲା ଯେ ଯେତେ ଖୋଜିଲେ ଆଉ ମିଳୁନି।

ସତ୍ୟ ର ମନେ ପଡ଼ିଯାଉଥାଏ ବାଢୁ ମାମୁଁ,କୁଷନ୍,ସାଧୁ କାକା, ବାବାଜୀ କାକା ଏମିତି ଆହୁରି ଅନେକ ଲୋକଙ୍କ ନାଁ। ଆଦିବାସୀ , ଦଳିତ ହେଲେ ବି ସେମାନଙ୍କ ଭଲପାଇବା ପାଖରେ ସତ୍ୟ ସେମାନଙ୍କୁ ଅତି ନିଜର କରି ନେଇଥିଲା ।

ବାଡ଼ି ବଗିଚାରେ ପନିପରିବା ଚାଷ, ଗେଣ୍ଡୁଫୁଲ ରେ ମହକି ଯାଉଥିବା ଗଛ ଚାରି ପଟେ ପ୍ରଜାପତି ଭଳି ଧାଇଁ ବୁଲୁଥିବା ଦିନ ଆଜି ସାତ ସପନ।

ଏମିତି ଭାବୁ ଭାବୁ କେତେବେଳେ ବାଟ ସରିଗଲାଣି ସତ୍ୟ କୁ ଜଣା ପଡ଼ିଲାନି । ଘର ଗେଟ୍ ପାଖରେ ପହଞ୍ଚି ଅଟକି ଗଲା।

ଘର ଦୁଆର କୁ ଚାହିଁ ରହିଲା, କିଏ ଅଛି ଯେ ଆଉ ଧାଇଁ ଆସିବ ତାକୁ ସଂଖୁଳି ବାକୁ। ଗେଟ୍ ଖୋଲି ଗାଡ଼ି ଘର ବାଡ଼ି ରେ ନେଇ ଥୋଇ ମା' ମା' ଡାକି ଘର ଭିତରକୁ ପଶିଗଲା।

ମା' ବୁଢ଼ୀ ଟି ପଲଙ୍କ ଉପରେ ଚାଦର ଘୋଡ଼ ?ଇ ଶୋଇ ରହିଚି, ସବୁଦିନ ଭଳି କାହା ଅପେକ୍ଷା ରେ। ସତ୍ୟ ମା'ପାଦ ଛୁଇଁ କହିଲା ମା' ମୁଁ ଆସିଚି ମୋତେ ଖାଇବାକୁ ଦେ । ମୋତେ ବହୁତ ଭୋକ ଲ ମା'। ବୁଢ଼ୀ ମା' ର ଥର ଥର କଣ୍ଠରୁ ବାହାରୁଥିଲା କିଏ ବାବୁ କି ରେ ? ତୁ ଆସିଚୁ ବାପା !

ହଁ ମା' ତୋ ପୁଅ ତୋ ପାଖକୁ ଫେରି ଆସିଚି । ପୁଅ ମୁଣ୍ଡକୁ ଆଉଁସି ଆଉଁସି ମା' ଟି କହୁଥାଏ ମୋ ପୁଅ କ'ଣ ସତରେ ଫେରି ଆସିବ !!

ମୁଁ କ'ଣ ସତରେ ଆଉ ମୋ ପୁଅକୁ ଆଖି ପୁରେଇ ଦେଖିବି !

ସତ୍ୟ ଆଖିରୁ ଧାର ଧାର ହୋଇ ଲୁହ ଗଡ଼ି ପଡୁଥାଏ ଭାବୁଥାଏ ତା' ମା'ର ବିଶ୍ୱାସ କୁ ସେ କେମିତି ଫେରେଇ ଆଣିବ ! କେମିତି ତା' ମା'କୁ ସତ୍ୟର ସାମ୍ନା କରେଇବ! ପୁଅ ପାଖରୁ ମା'ଯେଉଁ ଭରସା ବିଶ୍ୱାସ ପାଇବା କଥା ସେ କ'ଣ ତା' ମା'ର ପଣତ କାନି ରେ ଅଜାଡ଼ି ଦେଇ ପାରିବ ! ପ୍ରଶ୍ନ ବାଣରେ ପେଶି ହୋଇ ଯାଉଥିଲା ସତ୍ୟ ।

ଗୋଟିଏ ଅଧେ ନୁହେଁ, ମହାପ୍ରଭୁ ରାମଚନ୍ଦ୍ରଙ୍କ ବନବାସ ପରି କଳି ଯୁଗରେ ସତ୍ୟ ର ସହର ବାସ ଭାଙ୍ଗି ଦେଇଚି ବିଶ୍ୱାସ ଓ ଭଲପାଇବା ର ଶାଖା ପ୍ରଶାଖା ମାନଙ୍କୁ।ବୃନ୍ତଚ୍ୟୁତ ହୋଇ ଏଠି ସେଠି ପଡ଼ି ଭିଡ଼ ଜମେଇଚନ୍ତି ଛୋଟ ଛୋଟ ଆଶା ଭରସା ମାନେ।ଆହା କି ରାହା ପାଉ ନଥିବା ମଣିଷ କ'ଣ କେବେ ସ୍ୱପ୍ନ ଦେଖିବା ସମ୍ଭବ!!

ଥରୁଟିଏ ମା' ଡାକ ରେ ମା' ହୃଦୟ ରେ ଯେଉଁ ମମତା ର ଗଙ୍ଗା ବହେ ସେ ପବିତ୍ର ଗଙ୍ଗା କୁ କ'ଣ ସନ୍ତାନ ସତରେ ଭୁଲି ଯାଇପାରେ!!

ମାହାଙ୍ଗା, କଟକ
ମୋ - ୮୯୧୭୫୭୧୨୦୨

## ଦିନ ଆସିବ

*ଦେବଯାନୀ ଦାସ*



ଦିନ ଆସିବ
ଆସିବ, ପ୍ରଜ୍ଞା କୁ ବୁଝିବାର ବେଳ ।
ଈର୍ଷା ର ପ୍ରାଚୀର ଘେରି
ସ୍ୱାର୍ଥ ବଳୟ ଭିତରେ
ଗାଦି ମାଡି ବସିଥିବା
ଭାଗ୍ୟର ସ୍ୱର୍ଣ୍ଣ ସିଂହାସନ ରେ
ରାଜୁତି କରୁଥିବା,
ତଥାକଥିତ ମନିଷି ଗଣ
ମୁକ୍ତ କଣ୍ଠରେ ସ୍ୱୀକାର କରିବେ
ପ୍ରଜ୍ଞାର ମହତ୍ତ୍ୱ ।
ସମସ୍ତେ ବୁଝନ୍ତି ପ୍ରଜ୍ଞା କୁ
ଉପରକୁ ନ ହେଲେ ବି
ଭିତରେ ଭିତରେ ମାନନ୍ତି
ଖୁବ୍ ଜଳନ୍ତି ବି।
ଜଳି ଜଳି ପାଉଁଶ ଯାହାଙ୍କ ଅସ୍ତିତ୍ୱ
ସେଠି ସ୍ୱୀକାରକ୍ତି ର ସ୍ଫୁରଣ କାହିଁ
ଅସ୍ତିତ୍ୱ ରକ୍ଷା ର ଦାୟ ରେ
ଈର୍ଷା ର ଅନଳ ଘେରି
ସେମାନେ ଯେ ବସିଛନ୍ତି
କୋଟିଏ ବର୍ଷ ର ଚେର ଲମ୍ବେଇ ।
ଦିନ ଆସିବ
କୌଣସି ବି ପ୍ରଜ୍ଞା
ବଣ ମଲ୍ଲି ର ଭାଗ୍ୟ ନେବନି
ଚାଟୁ ବାକ୍ୟରେ, ବାକ୍ ଚାତୂରୀ ରେ
ରୂପର ଭ୍ରମ ରେ ବାତୁଳ ନ ହୋଇ
ବାସ୍ନା କୁ ସ୍ୱୀକାର କରିବେ ମନିଷି ଗଣ
ତୋଷାମଦିଆ ଙ୍କ ଭିଡ ଭିତରେ।
ସବୁଠି ତୋଷାମଦିଆଙ୍କ ଭିଡ
ତଳରୁ ଉପର ପର୍ଯ୍ୟନ୍ତ
ପିଅନ କରେ କିରାଣୀର
କିରାଣୀ ଅଫିସର ର...
ରାଜନୀତି ଅର୍ଥନୀତି
ଇତିହାସ ଭୂଗୋଳ ଗଣିତ ଜ୍ୟାମିତି
ସବୁ କ୍ଷେତ୍ର ରେ କିଛି ଲାଞ୍ଚୁଆ
କିଛି ତୋଷାମଦିଆ ।
ସ୍ୱାଭିମାନୀ ଟିଏ କୋଣ ମାଡି ପଡ଼ିଥାଏ
କୋଉଥିରେ ତାର ଭାଗ ନ ଥାଏ ।
ଦିନ ଆସିବ
ପୁରସ୍କାର ସମ୍ବର୍ଦ୍ଧନା ଅବା ମାନ୍ୟତା ପାଇଁ
ଲୋଡା ହେବନି କ୍ଷମତା, ପ୍ରାଚୂର୍ଯ୍ୟ ଅବା
ପଦପଦବୀ ଖୋସାମତ,
କି ଚାକିରି ପାଇଁ ସଂରକ୍ଷଣ।
ଗୁଣ ର ମହତ୍ତ୍ୱ ପାଇଁ
ଗୁଣଗ୍ରାହୀ ରାଜା ଟିଏ ଜନ୍ମିବ
ଭଲ ମଣିଷ ର ବଂଶ ବିସ୍ତାର ହେବ
ପ୍ରଜ୍ଞା ର ରାଜ୍ୟାଭିଷେକ ହେବ।

ଅୟେନା
ଶ୍ରିନିସ୍କ ଇଞ୍ଜିନିୟରିଂ କଲେଜ ସାମ୍ନା
*ବାଲେଶ୍ୱର*
*ମୋ-୭୯୭୮୮୮୪୧୮୮*




# ଓଁ ଜୟନ୍ତୀ ମଙ୍ଗଳାକାଳୀ ଭଦ୍ରକାଳୀ କପାଳିନୀ....


ଶରତ କୁମାର ସାହୁ

''ଓଁ ଜୟନ୍ତୀ ମଙ୍ଗଳାକାଳୀ ଭଦ୍ରକାଳୀ କପାଳିନୀ, ଦୁର୍ଗା କ୍ଷମା ଶିବା ଧାତ୍ରୀ ସ୍ୱାହା ସ୍ୱାହା ନମସ୍ତୁତେ ।'' ସର୍ବ ମଙ୍ଗଳମୟୀ ମହାମାୟା କାଳୀଙ୍କର ପୂଜା ଦେଶରେ ସର୍ବତ୍ର ପାଳିତ ହେଉଛି । ଦେବୀଙ୍କର ମୃଣ୍ମୟ ଜ୍ୱଳନ୍ତ ପ୍ରତିମୂର୍ତ୍ତି ଭୟ ବିହ୍ୱଳିତ କରିବା ସଙ୍ଗେ ସଙ୍ଗେ ଭକ୍ତିର ଭାବ ଜାଗ୍ରତ କରାଇଥାଏ । ସର୍ବଶକ୍ତିମୟୀ ବିଶ୍ୱଜନନୀଙ୍କର ଏପରି ଉଗ୍ରମୂର୍ତ୍ତି ଦେଖିଲେ ମନରେ ନାନା ପ୍ରଶ୍ନ ଉଠେ । ଦେବୀଙ୍କର ଏପରି ରୂପ ହେଲା କାହିଁକି ? ପୁରାଣରୁ ଜଣାପଡ଼େ ଯେ ମହିଷାସୁର ଓ ଅନ୍ୟାନ୍ୟ ଅସୁରମାନଙ୍କ ସହିତ ଯୁଦ୍ଧ କରି ଦେବୀ ବଡ଼ ମ୍ରିୟମାଣ ହୋଇପଡ଼ିଥିଲେ । ସର୍ବଶେଷରେ ଅସୁର ରକ୍ତରେ ବସୁନ୍ଧରାକୁ ପ୍ଲାବିତ କରି ଦେବୀଙ୍କ ମନରେ କ୍ରୋଧ ଜାତ ହୋଇ ବିଶ୍ୱ ସୃଷ୍ଟିର ଧ୍ୱଂସାର୍ଥେ ଉଗ୍ରରୂପ ଧରି ଅଗ୍ରସର ହୁଅନ୍ତେ ଦେବତାମାନଙ୍କ ମଧ୍ୟରେ ଭାଳେଣି ପଡ଼ିଲା । ସମସ୍ତେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ଶିବଙ୍କ ଛଡ଼ା ଅନ୍ୟ କେହି ଦେବୀଙ୍କୁ ଶାନ୍ତ କରି ପାରିବେ ନାହିଁ । ଦେବତାମାନଙ୍କ ଅନୁରୋଧରେ ଶିବ ଅଗ୍ରସର ହୋଇ ଦେବୀଙ୍କ ଅଜାଣତରେ ଶୋଇ ରହିଲେ । ଅକସ୍ମାତ ଦେବୀଙ୍କର ପାଦ ଶିବଙ୍କ ବକ୍ଷ ଦେଶରେ ପଡ଼ନ୍ତେ, ନିଜର ଭୁଲପାଇଁ ଅର୍ଦ୍ଧଜିହ୍ୱ ପ୍ରସାରଣ କରି ତଟସ୍ଥ ହୋଇରହିଲେ ଦେବୀ । ପୁରାଣ ବର୍ଣ୍ଣିତ ଏପରି ଉପାଖ୍ୟାନକୁ ଶିଳ୍ପୀମାନେ ପ୍ରତିମୂର୍ତ୍ତି ଗଠନରେ ଫୁଟାଇ ପାରିଛନ୍ତି । ଆଉ ମଧ୍ୟ ସ୍ଥାନେ ସ୍ଥାନେ ଶିଳ୍ପୀବୃନ୍ଦ ଦେବୀଙ୍କର ଭୟଙ୍କର କଙ୍କାଳମୟ ଶରୀର, ଶିରମାଳା ବିଭୂଷଣ, ରକ୍ତପାତ୍ର ଧାରଣ, ଶ୍ମଶାନର ଦୃଶ୍ୟ ପ୍ରଭୃତି ଚମତ୍କାର ଭାବରେ ପ୍ରଦର୍ଶିତ କରିପାରିଛନ୍ତି । ଦେବୀଙ୍କର ଏପରି ରୂପକୁ ଚାମୁଣ୍ଡା ଆଖ୍ୟା ଦିଆଯାଇଛି ।

ଚଣ୍ଡୀପୁରାଣରେ ବର୍ଣ୍ଣିତ ଅଛି ଯେ ମହିଷାସୁରର ସେନାପତି ରକ୍ତବୀଜ ସହିତ ଦୁର୍ଗାଙ୍କର ଯୁଦ୍ଧ ବେଳେ ଯୁଦ୍ଧକ୍ଷେତ୍ରରେ ଭୂମିରେ ରକ୍ତପାତ ମାତ୍ରକେ ସହସ୍ରାଧିକ ଅସୁର ସୈନ୍ୟଙ୍କ ଜନ୍ମ ଫଳରେ, ଦୁର୍ଗା କ୍ରୋଧାନ୍ୱିତା ହୋଇ କପାଳରୁ ଅନ୍ୟ ଏକ ଦେବୀ ଜାତ କଲେ ଯେ କି ରକ୍ତପାତ୍ର ଧରି ରକ୍ତବୀଜର ପତିତ ରକ୍ତ ଶୋଷଣ କରିବାକୁ ଲାଗିଲେ । ଦେବୀଙ୍କର ଏପରି ଉଗ୍ର ରୂପକୁ ଚାମୁଣ୍ଡା ବୋଲି କୁହାଯାଏ । ସପ୍ତଶତୀ ଚଣ୍ଡୀରେ ଦେବୀଙ୍କର ସ୍ତୋତ୍ରରେ ଉଲ୍ଲେଖ ଅଛି – ''ଦ୍ରଂଷ୍ଟା କରାଳ ବଦନେ ଶିରୋମାଳା ବିଭୁଷଣେ, ଚାମୁଣ୍ଡେ ମୁଣ୍ଡ ମଥନେ ନାରାୟଣୀ ନମସ୍ତୁତେ ।'' କାଳୀଙ୍କର ଏପରି ବିଭିନ୍ନ ରୂପାନ୍ତରିତ ପ୍ରତିମୂର୍ତ୍ତି ସମୂହର କେବେ ଉପାସନା ସେ ବିଷୟରେ ଯଥେଷ୍ଟ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଅଭାବ ଥିଲେ ମଧ୍ୟ, କଳାହାଣ୍ଡି ଜିଲ୍ଲାର ତେରସିଙ୍ଗ ଗ୍ରାମରୁ ମିଳିଥିବା ତମ୍ବାପଟାରୁ ଜଣାପଡ଼େ ଯେ ତୁଷ୍ଟକର ନାମକ ଜଣେ ରାଜା ଭଗବତୀ ସ୍ତମ୍ଭେଶ୍ୱରୀଙ୍କୁ ଇଷ୍ଟଦେବୀ ରୂପେ ଆରାଧନା କରୁଥିଲେ । ତମ୍ବାପଟାର ଅକ୍ଷର ଗୁଡ଼ିକ ପ୍ରାୟ ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀର ଅନ୍ତର୍ଗତ । ତୁଷ୍ଟକର ସମ୍ଭବତଃ ସମୁଦ୍ରଗୁପ୍ତଙ୍କର ଏହ୍ଲାବାଦ ପ୍ରଶସ୍ତିରେ ଉଲ୍ଲେଖ ଥିବା ଓଡ଼ିଶାରେ ରାଜତ୍ୱ କରୁଥିବା ବ୍ୟାଘ୍ରରାଜଙ୍କ ପରିବାର ମଧ୍ୟରୁ ଜଣେ ହୋଇପାରନ୍ତି । ଦେବୀ ସ୍ତମ୍ଭେଶ୍ୱରୀ ବର୍ଣ୍ଣନା ପରବର୍ତ୍ତୀ ଯୁଗରେ ଭଞ୍ଜ, ଶୁଲ୍କି ଓ ତୁଙ୍ଗମାନଙ୍କର ଓଡ଼ିଶାରୁ ମିଳିଥିବା ତମ୍ବାପଟା ମାନଙ୍କରେ ଦେଖିବାକୁ ମିଳେ । ଢ଼େଙ୍କାନାଳ ଜିଲ୍ଲାର ବାଲିସାହି ଗ୍ରାମ ନିକଟରେ ଲୋକ ଅଗୋଚରରେ ରହିଥିବା ଚାମୁଣ୍ଡା ବିଗ୍ରହ ଦୋଦାଳକ ମଣ୍ଡଳରେ ଶାସନ କରୁଥିବା ଶୁଳାକିମାନଙ୍କର ଇଷ୍ଟଦେବୀ ସ୍ତମ୍ଭେଶ୍ୱରୀ । ଭଞ୍ଜମାନଙ୍କର ତମ୍ବାପଟାରେ ଯେଉଁ ସ୍ତମ୍ଭେଶ୍ୱରୀଙ୍କ ବିଷୟ ବର୍ଣ୍ଣନା ଅଛି, ଉକ୍ତ ଦେବୀ ବୋଧହୁଏ ଭଞ୍ଜମାନଙ୍କ ଦ୍ୱାରା ନିର୍ମିତ ଖିଚିଙ୍ଗଠାରେ ପୂଜା ପାଉଥିବା ଚାମୁଣ୍ଡା ମୂର୍ତ୍ତି । ଶକ୍ତି ଉପାସନାର ପ୍ରଧାନ ପୀଠ ଯାଜପୁରଠାରେ ଅନେକଗୁଡ଼ିଏ ଚାମୁଣ୍ଡା ମୂର୍ତ୍ତି ବିକ୍ଷିପ୍ତଭାବରେ ପଡ଼ି ରହିଛି । ସେଥିରୁ ତ୍ରିଲୋଚନ ମନ୍ଦିରରେ ଥିବା ଅପୂଜା ଚାମୁଣ୍ଡା ମୂର୍ତ୍ତିଟି, ଓଡ଼ିଶାରେ ଶକ୍ତି ପୂଜାର ପ୍ରଚଳନ ବିଷୟରେ ସମ୍ୟକ ତଥ୍ୟ ଦର୍ଶାଏ । ମୂର୍ତ୍ତିର ନିମ୍ନଭାଗରେ ଗୋଟିଏ ଧାଡ଼ି ପ୍ରାଚୀନ ନାଗରୀ ଅକ୍ଷରରେ ''ରାଣୀ ବସ୍ତାଦେବୀଙ୍କର କୀର୍ତ୍ତି'' ବୋଲି ଉଲ୍ଲେଖ ଅଛି । ସମ୍ଭବତଃ ବସ୍ତାଦେବୀ ଭୌମବଂଶୀୟ ଜନୈକ ରାଜାଙ୍କର ରାଣୀଥିଲେ । ଉକ୍ତ ଅକ୍ଷରଗୁଡ଼ିକ ପ୍ରାୟ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀର ଅନ୍ତର୍ଗତ । ଶକ୍ତି ଉପାସନା ପ୍ରାୟ ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀରୁ ଓଡ଼ିଶାରେ ଆରମ୍ଭ ହୋଇଥିଲେ ମଧ୍ୟ ତାନ୍ତ୍ରିକ ଭିତ୍ତିରେ ବିପୁଳ ପ୍ରସାର ଭୌମଯୁଗରେ ତାନ୍ତ୍ରିକ ପୂଜା ଏପରି ଆକାର ଧାରଣା କଲା ଯେ ଲୋକମାନେ ଧର୍ମ ନିର୍ବିଶେଷରେ ବିଭିନ୍ନ ଦେବ ଦେବୀଙ୍କୁ ତାନ୍ତ୍ରିକ ମତରେ ପୂଜା କରିବାକୁ ଲାଗିଲେ । ନର ମାଂସ ଭକ୍ଷଣ, ଶ୍ମଶାନରେ ପୂଜା କରିବା, ନିଜର ଶରୀରକୁ ପୂଜା ଭସ୍ମରେ ଭୂଷିତ କରିବା, ଦେବୀଙ୍କୁ ସନ୍ତୁଷ୍ଟ କରିବା, ନରବଳି ଦେବା ଏବଂ ଉଲଗ୍ନ ସ୍ତ୍ରୀକୁ ପୂଜା କ୍ଷେତ୍ରରେ ଉପସ୍ଥିତ କରି ତାନ୍ତ୍ରିକ ଯୋଗସାଧନା କରିବା ପ୍ରଭୃତି କାପାଳିକ ପୂଜା ପଦ୍ଧତିକୁ ଶ୍ରେୟସ୍କର ମନେକଲେ । ପରବର୍ତ୍ତୀ ସୋମବଂଶୀୟ ରାଜତ୍ୱରେ ମଧ୍ୟ ତାନ୍ତ୍ରିକ ପୂଜା ତିଷ୍ଠି ଥିଲା । ଗଙ୍ଗବଂଶୀୟ ରାଜାମାନଙ୍କର ତମ୍ବାପଟାରେ ଦେବୀ କାଳୀଙ୍କ ବିଷୟ ଉଲ୍ଲେଖ ଅଛି । ଅନନ୍ତ ବର୍ମନଙ୍କର ପଦଳି ଅଭିଲେଖରେ ''କଞ୍ଚିପୋଡ଼ି ଭଟ୍ଟାରିକାୟା'' ବୋଲି ଉଲ୍ଲେଖ ଅଛି । ବୋଧହୁଏ କଞ୍ଚିପୋଡ଼ି ଭଟ୍ଟାରିକା କାଳୀଙ୍କୁ ବୁଝାଏ । ଏତଦ୍ ବ୍ୟତୀତ ଲୋକ ମହାଦେବୀଙ୍କର ପଦଳି ଅନୁଶାସନରେ ''କଣ୍ଟିପୋଡ଼ି ଭଟ୍ଟାରିକାୟା ବଳି ନୈବିଦ୍ୟ ଚରୁ ନିମିତ୍ତାୟ...'' ସୁତରାଂ ଆଜି ଯେଉଁ କାଳୀପୂଜା ତାନ୍ତ୍ରିକ ଭିତ୍ତିରେ ପାଳିତ ହେଉଛି, ତାହା ଦେଶରେ ପ୍ରାୟ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରୁ ପ୍ରଚଳିତ ଥିଲା ।

*ଉପକରଣ ହାଉସ,*
*ଚଣ୍ଡୀଖୋଲ, ଯାଜପୁର,*
*ଦୂରଭାଷ : ୯୪୩୭୦୫୧୫୪୩*

## କିଟ୍ ଓ କିସ୍ କର୍ମଚାରୀଙ୍କ ପାଇଁ ବିଭିନ୍ନ ସୁବିଧା : ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ପି.ଏନ):କିଟ୍ ଓ କିସ ପକ୍ଷରୁ ଏହାର କର୍ମଚାରୀଙ୍କ ପିଲାମାନଙ୍କ ନିମନ୍ତେ ପ୍ରତିଷ୍ଠା କରାଯାଇଥିବା ସେଫାଳୀ କ୍ରେଚ୍, କିଟ୍ ପବ୍ଲିକ ସ୍କୁଲ୍ ଏବଂ ସର୍ବସାଧାରଣଙ୍କ ନିମନ୍ତେ ଜୟନ୍ତ ମହାପାତ୍ର ପବ୍ଲିକ୍ ଲାଇବ୍ରେରୀ, ବାବା ନାରାୟଣ ଦାସ ପ୍ରସାଦ ସେବନ କେନ୍ଦ୍ର, କିଟ୍ ସୋଭିନିର୍ ଗ୍ୟାଲେରୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱର ୟୁନିଟ୍ ୧ ରାମମନ୍ଦିର ପ୍ରତିଷ୍ଠାତା ସଭାପତି ବାବା ରାମନାରାୟଣ ଦାସ, କିଟ୍ ଓ କିସ ସଭାପତି ଶାଶ୍ୱତୀ ବଳ, ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିଟ୍ କିସ୍‌ର ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଏହି ସୁବିଧା ସବୁ ଉଦ୍‌ଘାଟନ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସର୍ବଦା କିଟ୍ ଓ କିସ୍‌ର କର୍ମଚାରୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇଆସୁଛନ୍ତି। ଏଥିପାଇଁ ଶ୍ରୀ ସାମନ୍ତଙ୍କ ପ୍ରୟାସ କ୍ରମେ କିଟ୍ ଓ କିସ୍‌ର କର୍ମଚାରୀମାନେ କିପରି ଖୁସିରେ ରହିବେ ସେଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା କାର୍ଯ୍ୟକାରୀ କରାଯାଇଥାଏ। ଏହି କ୍ରମରେ କିଟ୍ ଓ କିସ୍‌ର ସ୍ୱଳ୍ପ ବେତନୀଭୋଗୀ କର୍ମଚାରୀ ଯେଉଁମାନେ ମାସିକ ୩୦ହଜାର ଟଙ୍କାରୁ କମ୍ ବେତନ ପାଉଛନ୍ତି ସେମାନଙ୍କ ପିଲାମାନଙ୍କ ନିମନ୍ତେ ସିବିଏସ୍‌ଇ ସ୍ୱୀକୃତିପ୍ରାପ୍ତ କିଟ୍ ପବ୍ଲିକ୍ ସ୍କୁଲ୍ ପ୍ରତିଷ୍ଠା କରାଯାଇଛି। ଏଠାରେ ସ୍ୱଳ୍ପ ଦେୟରେ କର୍ମଚାରୀଙ୍କ ପିଲାମାନେ ପାଠ ପଢ଼ିପାରିବେ। ସେହିପରି କର୍ମଚାରୀଙ୍କ ଶିଶୁମାନଙ୍କ ନିମନ୍ତେ ସେଫାଳୀ କ୍ରେଚ୍ ଖୋଲାଯାଇଛି। ଅନ୍ୟପକ୍ଷରେ କିଟ୍ ଶିକ୍ଷାନୁଷ୍ଠାନ ସମୂହ ଓ କିସ୍ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ସ୍ୱରୂପ ସର୍ବସାଧାରଣଙ୍କ ନିମନ୍ତେ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥାଏ। କିଟ୍ ଗୁଣ୍ଡିଚା ମନ୍ଦିର ନିକଟରେ ସର୍ବସାଧାରଣଙ୍କ ନିମନ୍ତେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ନାମରେ ନାମିତ ଏକ ବୃହତ ଶୀତତାପ ନିୟନ୍ତ୍ରିତ ସର୍ବସାଧାରଣ ପାଠାଗାର ଖୋଲାଯାଇଛି। କିମ୍‌ସକୁ ଆସୁଥିବା ରୋଗୀମାନଙ୍କ ସହାୟକ ଓ ସର୍ବସାଧାରଣଙ୍କୁ ରିହାତି ମୂଲ୍ୟରେ ପ୍ରସାଦ ଯୋଗାଇଦେବା ନିମନ୍ତେ କିଟ୍ ଜଗନ୍ନାଥ ମନ୍ଦିର ପକ୍ଷରୁ ବାବା ନାରାୟଣ ଦାସ ପ୍ରସାଦ ସେବନ କେନ୍ଦ୍ର ଖୋଲାଯାଇଛି। ଏହି ପ୍ରସାଦ ସେବନ କେନ୍ଦ୍ରରେ ମାତ୍ର ୩୦ଟଙ୍କାରେ ଯେ କେହି ପ୍ରସାଦ ସେବନ କରିପାରିବେ। କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ, କର୍ମଚାରୀ ପୁରାତନ ଛାତ୍ରଛାତ୍ରୀ ଓ କିଟ୍ ଓ କିସ୍‌କୁ ପରିଦର୍ଶନରେ ଆସୁଥିବା ବ୍ୟକ୍ତିମାନଙ୍କ ପାଇଁ ବିଶ୍ୱର ବିଭିନ୍ନ ସ୍ଥାନର ସଂସ୍କୃତି ବିଶେଷକରି ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ବ୍ରାଣ୍ଡର ବିଭିନ୍ନ ପ୍ରକାର ପୋଷାକପତ୍ରକୁ ନେଇ କିଟ୍ ସୋଭିନିର୍ ଗ୍ୟାଲେରୀ ପ୍ରତିଷ୍ଠା କରାଯାଇଛି।

## ମା' କୋଟ୍ରାକ୍ଷୀଙ୍କ ଆଶୀର୍ବାଦ କାରଣରୁ ମା'ଙ୍କ ପ୍ରାଚୀନ ମୂର୍ତ୍ତି ଓଡ଼ିଶା ଫେରୁଛି: ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ନୂଆଦିଲ୍ଲୀ ଠାରେ ଆଜି କଷ୍ଟମ ବିଭାଗର ଅଧିକାରୀମାନେ ଓଡ଼ିଶା ପ୍ରଶାସନକୁ ଦୀର୍ଘ ଦିନ ପୂର୍ବ ? ଲୁଟ ହୋଇଥିବା ଯାଜପୁର ଜିଲ୍ଲା ଦର୍ପଣଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' କୋଟ୍ରାକ୍ଷୀଙ୍କ ଅଷ୍ଟଧାତୁ ନିର୍ମିତ ଦୁର୍ଲ୍ଲଭ ପ୍ରାଚୀନ ମୂର୍ତ୍ତିକୁ ହସ୍ତାନ୍ତର କରିଛନ୍ତି । ଏହି ଅବସରରେ ଏଏସଆଇ ଅଧିକାରୀ ଏବଂ ଦର୍ପଣଗଡର ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ମା' କୋଟ୍ରାକ୍ଷୀ ଦର୍ପଣଗଡ଼ ଗ୍ରାମବାସୀଙ୍କ ଆସ୍ଥା, ଐତିହ୍ୟ ଏବଂ ବିଶ୍ୱାସର ପ୍ରତୀକ । ମା'ଙ୍କ ଆଶୀର୍ବାଦ କାରଣରୁ ମା' କୋଟ୍ରାକ୍ଷୀଙ୍କ ପ୍ରାୟ ନବମ ଓ ଦଶମ ଶତାବ୍ଦୀର ପ୍ରାଚୀନ ଦୁର୍ଲ୍ଲଭ ମୂର୍ତ୍ତି ଓଡ଼ିଶା ଫେରୁଛି । ଖୁବ ଶୀଘ୍ର ଏହି ନିର୍ଦ୍ଧାରିତ ମୂର୍ତ୍ତିଟି କୋଟ୍ରାକ୍ଷୀ ମନ୍ଦିରରେ ପୁନଃପ୍ରତିଷ୍ଠା ହେବ । ଆଜି ସମଗ୍ର ଓଡ଼ିଶା, ଯାଜପୁର ବିଶେଷତଃ ଦର୍ପଣଗଡବାସୀଙ୍କ ପାଇଁ ଅତ୍ୟନ୍ତ ଶୁଭ ଦିନ । ମା'ଙ୍କ ଆଶୀର୍ବାଦ କାରଣରୁ ଏହା ସମ୍ଭବ ହୋଇପାରିଲା । ଗ୍ରାମବାସୀଙ୍କର ଭାବାବେଗକୁ ସମ୍ମାନ ଦେଇ ସେମାନଙ୍କର ଥିବା ଦୀର୍ଘ ଦିନର ଆକାଂକ୍ଷା ଓ ଅପେକ୍ଷାକୁ ପୂରଣ କରିଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ, ଅର୍ଥ ମନ୍ତ୍ରୀ ନିର୍ମଳା ସୀତରମଣ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ କିଷାନ ରେଡ୍ଡୀ, ସହଯୋଗୀ ହୋଇଥିବା କଷ୍ଟମ ବିଭାଗ, ଏଏସଆଇ ଏବଂ ଓଡ଼ିଶା ପୋଲିସକୁ ଧନ୍ୟବାଦ ଜଣାଇବା ଦର୍ପଣଗଡବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।ସୂଚନାଯୋଗ୍ୟ, ଗତ ଜୁଲାଇ ୧୪ ତାରିଖରେ କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କୁ ଏୟାର କାର୍ଗ ?ର କଷ୍ଟମ ବିଭାଗ ପାଖରେ ପଡି ରହିଥିବା ଏହି ଦୁର୍ଲ୍ଲଭ ମୂର୍ତ୍ତିକୁ ଫେରାଇବା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଚିଠି ଲେଖି ଅନୁରୋଧ କରିଥିଲେ । ସେ ପତ୍ରରେ ଉଲ୍ଲେଖ କରିଥିଲେ ଯେ ଗତ ବର୍ଷ ଦିଲ୍ଲୀ ବିମାନବନ୍ଦରରେ ଏକ ଅଷ୍ଟଧାତୁ ପ୍ରତିମା ଚୋରା ଚାଲାଣ ବେଳେ ଦିଲ୍ଲୀ ବିମାନବନ୍ଦରରେ ଠାବ ହୋଇଥିଲା । ପରେ ଏହାକୁ ଭାରତୀୟ ପ୍ରନ୍ତତ୍ତ୍ୱ ସର୍ବ ?କ୍ଷଣ ବିଭାଗ(ଏଏସଆଇ)କୁ ପରୀକ୍ଷା ପାଇଁ ପଠାଯାଇଥିଲା । ପରୀକ୍ଷା ନିରୀକ୍ଷା କରିବା ପରି ଉକ୍ତ ପ୍ରତିମା'ଟି ଯାଜପୁର ଦର୍ପଣଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଆ କୋଟ୍ରାକ୍ଷୀଙ୍କ ବୋଲି ଏଏସଆଇ ଜାଣିବାକୁ ପାଇଥିଲା । ଉକ୍ତ ପ୍ରତିମାଟି ନୂଆଦିଲ୍ଲୀ ଏୟାର କାର୍ଗ ?ର କଷ୍ଟମ କମିଶନରଙ୍କ କାର୍ଯ୍ୟାଳୟ ଜବତ କରି ନିଜ ହେପାଜତରେ ରଖିଥିବା ଜଣାପଡିଥିଲା । ପ୍ରକୃତରେ ଉକ୍ତ ଦୁର୍ଲ୍ଲଭ ମୂର୍ତ୍ତିଟି ଗତ ଜାନୁଆରୀ ୧୧, ୨୦୨୧ରେ ଦର୍ପଣଗଡ଼ ଗ୍ରାମରୁ ଚୋରି ହୋଇଥିଲା ଏବଂ ତା' ପରଦିନ ସକାଳେ ବଡଚଣା ଥାନାରେ ଏଥିନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା । ମୂର୍ତ୍ତି ଫେରାଇବା ପାଇଁ ଅନେକ ଆନ୍‌ଦୋଳନ ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିବା ସତ୍ତ୍ୱେ ପୋଲିସ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଧରିବାରେ ବିଫଳ ହେବା ପରେ ଗ୍ରାମବାସୀମାନେ ଘଟଣାର ସାତ ମାସ ପରେ ମାଆଙ୍କ ଆଉ ଏକ ମୂର୍ତ୍ତି ମନ୍ଦିରରେ ସ୍ଥାପନ କରିଥିଲେ । ମୂଳ ମୂର୍ତ୍ତିର ସାମ୍ପ୍ରତିକ ଇତିହାସ ଏବଂ ଏହାର ପରିଚୟ ପ୍ରକାଶ ପାଇବା ପରେ ଗ୍ରାମବାସୀମାନେ ନିଜର ଅଧିଷ୍ଠାତ୍ରୀ ଦେବୀଙ୍କ ଫେରିବା ନେଇ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ତେଣୁ ଉକ୍ତ ମୂର୍ତ୍ତିକୁ ଓଡ଼ିଶାକୁ ତୁରନ୍ତ ଫେରାଇ ଆଣିବା ପାଇଁ ହସ୍ତକ୍ଷେପ କରିବା ପାଇଁ ଶ୍ରୀ ପ୍ରଧାନ ଅର୍ଥ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଏହାର ଏହାର ପତ୍ୟୁତ୍ତରରେ ଅର୍ଥମନ୍ତ୍ରୀ ସୀତାରମଣ ଦିଲ୍ଲୀ କୋଷ୍ଟମକୁ ପ୍ରଟୋକୋଲ ଅନୁସାରେ ଓଡ଼ିଶା ପୋଲିସକୁ ମୂର୍ତ୍ତି ଫେରାଇବା ପାଇଁ ସୁପାରିଶ କରାଯାଇଥିବା ଜଣାଇଥିଲେ । ଆଜି ବିଧିବଦ୍ଧ ଭାବରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ କଷ୍ଟମ ବିଭାଗ ଓଡ଼ିଶା ପୋଲିସକୁ ମୂର୍ତ୍ତି ଫେରାଇବା ନେଇ ଖୁସି ପ୍ରକାଶ କରିଛନ୍ତି ।

## ଓଡିଶା ଆୟକର ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,(ପି.ଏନ): ଗତକାଲି ସଂଘର କାର୍ଯ୍ୟକାରିଣୀର ବୈଠକ ଆୟକର ଭବନ ଆନେକ୍ସି ସ୍ଥିତ ସ୍ଥାୟୀ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ସଭାପତି ଅବସର ପ୍ରାପ୍ତ ଆୟକର ମୁଖ୍ୟାୟୁକ୍ତ ଶ୍ରୀ ସ୍ୱରାଜ ମହାନ୍ତି ସଭାପତିତ୍ୱ କରିଥିଲେ । ସଂଘର ଉପସଭାପତି ଦ୍ୱୟ ଆୟକର ଅବସରପ୍ରାପ୍ତ ମହା ନିର୍ଦ୍ଦେଶକ ଶ୍ରୀ ବିଧୁ ଭୂଷଣ ମହାନ୍ତି ଓ ଅବସରପ୍ରାପ୍ତ ପ୍ରଧାନ ଆୟୁକ୍ତ ଶ୍ରୀ ଶରତ ଦାଶ ଏହି ବୈଠକରେ ଉପସ୍ଥିତ ଥିଲେ । ସଂଘର ସାଧାରଣ ସଂପାଦକ ଶ୍ରୀ ରବୀନ୍ଦ୍ର ନାଥ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକାରିଣୀର ପନ୍ଦର ଜଣ ସଦସ୍ୟ ଏହି ବୈଠକରେ ଯୋଗ ଦେଇଥିଲେ । ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇ ବିଭିନ୍ନ ସିଦ୍ଧାନ୍ତ ନିଆଯାଇଥିଲା । ଆଗାମୀ ବର୍ଷ ଫେବୃଆରୀ ୧୧ ତାରିଖରେ ସଂଘର ବାର୍ଷିକ ଅଧିବେଶନ ଭୁବନେଶ୍ୱର ଆୟକର ଭବନର ସମ୍ମିଳନୀ କକ୍ଷରେ କରାଯିବାକୁ ସ୍ଥିର କରାଯାଇଛି । ବୈଠକରେ କାର୍ଯ୍ୟକାରିଣୀ ସଭ୍ୟ ସର୍ବଶ୍ରୀ ବ୍ରଜସୁନ୍ଦର ନନ୍ଦ, ବ୍ରଜେନ୍ଦ୍ର ମହାନ୍ତି, ପୀତାମ୍ବର ଲେଙ୍କା , ଗୌରାଙ୍ଗ ସାହୁ, କୁମାର ନାୟକ, ନାରାୟଣ ସାମଲ, ଲାଲମୋହନ ମାଝୀ, ମନମୋହନ ରାଓ,ଓ କେ ସି ସାହାଣୀ ଯୋଗଦେଇଥିଲେ ।


MAHARISHI PUBLIC SCHOOL



2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Bhubaneswar Saturday November 11, 2023 ଭୁବନେଶ୍ୱର ଶନିବାର, ନଭେମ୍ବର ୧୧,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଓଡ଼ିଶା ପାଇଁ ଗର୍ବ : ଭାରତୀୟ ବିଦେଶ ବ୍ୟାପାର ସଂସ୍ଥାନ ପ୍ରତିଷ୍ଠା କଲା ଡକ୍ଟର ସ୍ୱର୍ଣ୍ଣ ଖୁଣ୍ଟିଆ ଗୋଲ୍ଡ ମେଡାଲ

ନୂଆଦିଲ୍ଲୀ,(ପି.ଏନ): ଭାରତର ବିଶିଷ୍ଟ ଭାଓଲେନ ବାଦିକା ତଥା ଓଡ଼ିଶାର ସ୍ୱନାମଧନ୍ୟ ସଂଗୀତଜ୍ଞ ହରମୋହନ ଖୁଣ୍ଟିଆଙ୍କ କନ୍ୟା ଡକ୍ଟର ସ୍ୱର୍ଣ୍ଣ ଖୁଣ୍ଟିଆଙ୍କ ସମ୍ମାନାର୍ଥ ? ଦେଶର ପ୍ରତିଷ୍ଠିତ ଶିକ୍ଷା ସଂସ୍ଥାନ ଭାରତୀୟ ବିଦେଶ ବ୍ୟାପାର ସଂସ୍ଥାନ ପ୍ରତି ବର୍ଷ ଜଣେ ବିଦ୍ୟାର୍ଥୀଙ୍କୁ ତାଙ୍କର ସାମଗ୍ରୀକ ଶିକ୍ଷା କୃତି ପାଇଁ ଡକ୍ଟର ସ୍ୱର୍ଣ୍ଣ ଖୁଣ୍ଟିଆ ଗୋଲ୍ଡ ମେଡାଲ ପ୍ରଦାନ କିବାକୁ ନିଷ୍ପତ୍ତି ଗ୍ରହଣ କରିଛି । ଚଳିତ ବର୍ଷ ଏହି ମେଡାଲ ପାଇଛନ୍ତି ଆଇଆଇଏଫଟିର ଛାତ୍ରୀ ତାନ୍ୟା ଜୈନ । କେନ୍ଦ୍ର ମନ୍ତ୍ରୀ ପିୟୁଷ ଗୋୟଲ ସଂସ୍ଥାନର ଛପନତମ ଦୀକ୍ଷାନ୍ତ ସମାରୋହରେ ଏହି ମେଡାଲ ପ୍ରଦାନ କରିଛନ୍ତି । ପ୍ରକାଶ ଥାଉକି ଡକ୍ଟର ଖୁଣ୍ଟିଆ ଦେଶର ଜଣେ ପ୍ରତିଭାଶାଳିନୀ ସଂଗୀତଜ୍ଞ ଏବଂ ସେ ଦେଶ ବିଦେଶର ବହୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଦେଶ ପାଇଁ ତଥା ଓଡ଼ିଶା ପାଇଁ ସୁନାମ ଅର୍ଜନ କରିଛନ୍ତି । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସେ ଥିଲେ ସଂଗୀତ ବିଭାଗ ମୁଖ୍ୟ । ପରିତାପର ବିଷୟ ଯେ ଗତ କରୋନା କାଳରେ ୨୦୨୦ରେ ତାଙ୍କର ଅକାଳ ଦେହାନ୍ତ ହୋଇଥିଲା । ବିଦେଶରେ ସେ ବହୁବାର ସଂଗୀତ କ୍ଷେତ୍ରରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି । ତାଙ୍କ ଜୀବନବ୍ୟାପୀ ସାଧନା ପାଇଁ ଭାରତୀୟ ବିଦେଶ ବ୍ୟାପାର ସଂସ୍ଥାନ ତାଙ୍କ ସ୍ମୃତିରେ ଏହି ପୁରସ୍କାର ଦେବାକୁ ନିଷ୍ପତି ଗ୍ରହଣ କରିଛି । ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଏହି ପ୍ରତିଷ୍ଠାନ ଏପରି ପୁରସ୍କାର ଦେବା ପ୍ରଥମ ଘଟଣା ଏବଂ ଏହା ମଧ୍ୟ ଓଡ଼ିଶାର କୌଣସି ଜଣେ ସଂଗୀତଜ୍ଞଙ୍କ ପାଇଁ ଏକ ବିରଳ ସମ୍ମାନ ବୋଲି କୁହାଯାଇପାରେ ।






## ସ୍ୱଚ୍ଛ, ସବୁଜ ଦିପାବଳୀର ବାର୍ତା ଦେଲେ ଛାତ୍ରଛାତ୍ରୀ

ଖୋର୍ଦ୍ଧା,(ପି.ଏନ): ରାତି ପାହିଲେ ଆଲୋକପର୍ବ ଦୀପାବଳି । ଶବ୍ଦଭେଦି ବାଣରେ ପରିବେଶ ପ୍ରଦୂର୍ଷଣ ରୋକିବା ପାଇଁ ସ୍ଥାନୀୟ ବିଡିଏ କଲୋନୀ ସ୍ଥିତ ସିଗମା ପବ୍ଲିକ ସ୍କୁଲ ର ଛାତ୍ରଛାତ୍ରୀ ସ୍ୱଚ୍ଛ ସବୁଜ ଦୀପାବଳିର ବାର୍ତା ଦେଇଛନ୍ତି । ସ୍କୁଲ ସମ୍ମୁଖ ପଡିଆରେ ସୁନ୍ଦର ଝୋଟିଚିତା କାଟି, ଗଛପତ୍ର ରଖି ଦୀପ ଜାଳି ସଚେତନତାର ବାର୍ତ ଦେଇଛନ୍ତି ଛାତ୍ରଛାତ୍ରୀ ଓ ସ୍କୁଲ କର୍ତୃପକ୍ଷ । ଦିପାବଳୀରେ ବାଣ ଫୁଟାଇବା ଦ୍ୱାରା ଗୁରୁତର ରୋଗୀ, ଶିଶୁ, ଗର୍ଭବତୀ ମହିଳା, ହୃଦରୋଗୀଙ୍କ ସମେତ ପ୍ରାଣୀଜଗତ ଉପରେ ବିଶେଷ ପ୍ରଭାବ ପକାଇବ । ଏଥିସହିତ ପରିବେଶକୁ ପ୍ରଦୂର୍ଷିତ କରିଥାଏ । ତେଣୁ ଦୀପାବଳିରେ ପାରମ୍ପରିକ ରୀତିନୀତିରେ ମନ୍ଦିର, ଚଉରା ମୂଳ, ଘର ଦାଣ୍ଡରେ ସୁନ୍ଦର ଝୋଟି ଆଙ୍କି ଦୀପ ପ୍ରଜ୍ଜଳନ କରିବାକୁ ଛାତ୍ରଛାତ୍ରୀମାନେ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଛାତ୍ରଛାତ୍ରୀ ସୁନ୍ଦର ଝୋଟିଚିତ୍ର ଅଙ୍କନ କରି ପରିବେଶ ସୁରକ୍ଷାର ବାର୍ତା ଦେଇଥିଲେ ।

## ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଧନତେରସ ଉତ୍ସବ ଅନୁଷ୍ଠିତ



ଆସିକା,(ପି.ଏନ):ଆସ୍କା ଏନ୍. ଏ .ସି କୁ ସ୍ୱଚ୍ଛ ସୁନ୍ଦର ଭାବେ ଗଢ଼ିବା ପାଇଁ ଯେଉଁ ଉଦ୍ୟମ ଜାରି ରହିଛି ତାହାକୁ ଆହୁରି ବ୍ୟାପକ କରିବା ଉଦ୍ଦେଶ୍ୟ ରେ ଆଜି ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଶ୍ରୀମତୀ ବିନେତା ସ୍ୱାଇଁଙ୍କ ସୌଜନ୍ୟ ରେ ଧନତେରସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ସାଂସଦ ପ୍ରତିନିଧି ଶ୍ରୀ ସତ୍ୟନାରାୟଣ ସ୍ୱାଇଁ ଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଧନତେରାସ ଉତ୍ସବରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ସମସ୍ତ କାଉନସିଲର , ବ୍ରାଣ୍ଡ ଆମ୍ବାସିଡର, ଆସିକା ସି ଡି ପି ଓ ଏନ୍ ଏ ସି କର୍ମକର୍ତା , ସଫେଇ କର୍ମଚାରୀ, ଡ୍ରାଇଭର , ଆହାର କେନ୍ଦ୍ର ପରିଚାଳିକା ଓ ସହିଯୋଗି , ଏ ସି ଟି ପି ପରିଚାଳିକା ଓ ସହଯୋଗୀ , ଏମ୍ ସି ସି କର୍ମଚାରୀ ,ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ,ସମସ୍ତ ୱାର୍ଡ କୋର୍ଡ଼ିନେଟର,ସ୍ୱଚ୍ଛ ସାଥୀ ଓ ସହାୟିକା ଉପସ୍ଥିତିରେ ଅନୁଷ୍ଠିତ ହୋଇ ଥିଲା ଅଧକ୍ଷା ଶ୍ରୀମତୀ ସ୍ୱାଇଁ ତାଙ୍କ ଅଭିଭାଷଣ ରେ ଉପସ୍ଥିତ ସମସ୍ତଙ୍କ କାର୍ଯ୍ୟ ପାଇଁ ଧନ୍ୟବାଦ୍ ଓ କୃତଜ୍ଞତା ଜଣାଇ ଥିଲେ ଆଗାମୀ ଦିନରେ ଏହି କାର୍ଯ୍ୟ ପନ୍ଥା ବଜାୟ ରଖିବା ପାଇଁ ଅନୁରୋଧ କରିଥିଲେ ଶେଷରେ ଉପସ୍ଥିତ ଥିବା ସମସ୍ତ ସହଯୋଗୀ ତଥା କର୍ମଚାରୀଙ୍କୁ ଧନତେରାସ ଉପହାର ପ୍ରଦାନ କରାଯାଇଥିଲା ।




## ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ଫସଲ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କଲେ ମନୋଜ ମେହେର

ଗୋଲାମୁଣ୍ଡା (ପି.ଏନ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ତିନି ପଞ୍ଚାୟତ ବଡ଼ଚେରଗାଁ,ଉଛଲା ଓ ଚହକା ବର୍ଷା ଓ କୁଆପଥର ମାଡରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ନେଇ ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ବିଜେପି ପ୍ରତିନିଧୀଦଳ ସହ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀଯୁକ୍ତ ମନୋଜ ମେହେର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ପୂର୍ବରୁ ପ୍ରଥମେ ଗୋଲାମୁଣ୍ଡା ତହସିଲଦାରଙ୍କୁ ଭେଟିଥିଲେ । ପରେ ତହସିଲଦାର ଅଶୋକ ପଟ୍ଟନାୟକଙ୍କ ସହ ମନୋଜ ମେହେର ଓ ତାଙ୍କ ଦଳ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ । ଗ୍ରସ୍ତ ସମୟରେ କ୍ଷତିଗ୍ରସ୍ତରେ ପ୍ରଭାବିତ ହୋଇଥିବା ଅନେକ ଚାଷୀଙ୍କୁ ଭେଟି ଆଲୋଚନା କରିଥିଲେ । ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇଦେବାକୁ ଗୋଲାମୁଣ୍ଡା ତହସିଲଦାରଙ୍କୁ ଦାବି କରିଛନ୍ତି ଶ୍ରୀ ମେହେର । ଉକ୍ତ ଅଞ୍ଚଳ ଗ୍ରସ୍ତରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀଯୁକ୍ତ ମନୋଜ ମେହେର,ସତ୍ୟ ବେହେରା, ଟଙ୍କଧର ନାଏକ,ଲଳିତ ପ୍ରଧାନ, ପ୍ରଦୀପ ପଣ୍ଡା, ଭାଗ୍ୟବାନ ବାଗ,ଜୟନ୍ତ କୁମାର ସିଂହ, ଜୟକୃଷ୍ଣ ସାହୁ ଓ ରଜତ ପୁଟେଲ ସହ ଅନେକ ବିଜେପି କର୍ମୀ ଉପସ୍ଥିତ ଥିଲେ ।



## ରେଳପଥରୁ ଫୁଲବାଣୀକୁ ବାଦ୍ ଦିଆଯିବା ପ୍ରତିବାଦରେ ୧୨ଘଣ୍ଟିଆ କନ୍ଧମାଳ ବନ୍ଦ

ଜି.ଉଦୟଗିରି (ପିଏନ):-ସର୍ଭେ ? ସଂସ୍ଥା ଓରିଡିଲ ମନମାନି କରି ଗୋପାଳପୁର ସମ୍ବଲପୁର ଭାୟା ଫୁଲବାଣୀ ରେଳପଥରୁ ଫୁଲବାଣୀକୁ ବାଦ୍ ଦିଆଯିବା ପ୍ରତିବାଦରେ ତଥା ପୁନଃ ବିଚାର କରି ଫୁଲବାଣୀକୁ ଏଥିରେ ଯୋଡିବା ଦାବିରେ କନ୍ଧମାଳ ବିକାଶ ପରିଷଦ ତରଫରୁ ନଭେମ୍ବର ୧୦ ତାରିଖ ଶୁକ୍ରବାର ଦିନ କନ୍ଧମାଳ ଜିଲ୍ଲାକୁ ସମ୍ପୂର୍ଣ୍ଣ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିବା ବେଳେ ଜିଲ୍ଲାର ସମସ୍ତ ଅଞ୍ଚଳରେ ଏହି ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି ।ଏହି ବନ୍ଦକୁ ସମଗ୍ର ଜିଲ୍ଲାର ବ୍ୟବସାୟ ସଂଘ ଓ ମୋଟରଚାଳକ ସଂଘ ସମର୍ଥନ କରିଥିବା ବେଳେ କେବଳ କେତେକ ସରକାରୀ ବସ ଚଳାଚଳ କରୁଥିବା ଦେଖିବାକୁ ମିଳିଛି ।କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଅନ୍ତର୍ଗତ ପାବୁରିଆ ଠାରେ ରାସ୍ତାରୋକ କରିଯାଇଥିବା ଯୋଗୁଁ ସେହି ରାସ୍ତା ଦେଇ ଯାଉଥିବା ସରକାରୀ କର୍ମଚାରୀ ମାନେ ନିଜ କର୍ମକ୍ଷେତ୍ରରେ ପହଞ୍ଚିନପାରି ଫେରିଥିବା ସୂଚନା ରହିଛି ।ଦେଶ ସ୍ୱାଧୀନ ହେବାର ୭୬ ବର୍ଷ ବିତି ଯାଇଥିଲେ ମଧ୍ୟ, କନ୍ଧମାଳ ଜିଲ୍ଲା ବାସୀ ରେଳସେବା ପାଇ ପାରିନଥିବା ବେଳେ,ପୁନଃ ଭବିଷ୍ୟତ ପିଢିକୁ ମଧ୍ୟ ବଞ୍ଚିତ କରାଯାଉଥିବାରୁ,ଜିଲ୍ଲା ରେଳପଥ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତିନିମାସ ହେଲା ସଭାସମିତି ମାଧମରେ ସରକାରଙ୍କୁ ଅସୋନ୍ତଷ ଜାହିର କରାଯାଇଥିବା ବେଳେ ଗତ ନଭେମ୍ବର ୮ ତାରିଖରେ ଫୁଲବାଣୀ ରାଜରାସ୍ତାରେ ଏକ ବିରାଟ ଶୋଭାଯାତ୍ରା କରାଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲେ ମଧ, ସରକାରଙ୍କ ତରଫରୁ କୌଣସି ତତ୍ପରତା ପ୍ରକାଶ କରାଯାଇ ନଥିବାରୁ, କନ୍ଧମାଳ ବିକାଶ ପରିଷଦ ତରଫରୁ କନ୍ଧମାଳ ଜିଲ୍ଲାକୁ ଆଜି ସମ୍ପୂର୍ଣ୍ଣ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇ ବନ୍ଦକୁ ସଫଳ କରାଯାଇଥିବା ଦେଖିବାକୁ ମିଳିଛି ।

## ବିଜେଡିର ମିଶ୍ରଣ ସମାରୋହରେ ବିଭିନ୍ନ ଦଳ ଛାଡି ବିଜେଡିରେ ମିଶିଲେ ଶତାଧିକ କର୍ମୀ

ନିମାପଡା,(ପି.ଏନ): ବିଜୁ ଜନତା ଦଳର ମିଶ୍ରଣ ସମାରୋହ ଆଜି ନିମାପଡା ବ୍ଲକ ଅରିଷଣ୍ଡ ଗ୍ରାମ ପଞ୍ଚାୟତର ସ୍ଥାନୀୟ ରାମେଶ୍ୱର ମହାଦେବଙ୍କ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ନିର୍ମଳ ଶାସନ ଏବଂ ସ୍ଥାନୀୟ ଲୋକପ୍ରିୟ ବିଧାୟକ ସମୀର ରଞ୍ଜନ ଦାଶଙ୍କ ନୀତି ଆଦର୍ଶ ଓ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ବିଧାୟକଙ୍କ ଉପସ୍ଥିତିରେ ନିମାପଡା ବ୍ଲକ ଅରିଷଣ୍ଡ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାମଦେଇପୁରର ରମାକାନ୍ତ ସାହୁ,ପ୍ରଫୁଲ୍ଲ କୁମାର ବେହେରା,ଅଜୟ କୁମାର ଦେଠୀ,ମାନସ ବେହେରା, ବିଜୟ କୁମାର ସାହୁ,ବସନ୍ତ କୁମାର ସାନିମାପଡା ବ୍ଲକ ଅରିଷଣ୍ଡ ଗ୍ରାମ ପଞ୍ଚାୟତ ଅନ୍ତର୍ଗତହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଭିନ୍ନ ଦଳ ତ୍ୟାଗ କରି ଆଜି ସନ୍ଧ୍ୟାରେ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି ।ଦଳ ପକ୍ଷରୁ ବିଧାୟକ ସେମାନଙ୍କୁ ଦଳୀୟ ଉତ୍ତରୀ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ ।ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ବ୍ଲକ ଅଧକ୍ଷ ଶଙ୍କର ଭୋଇ,ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ,ରବିନ୍ଦ୍ର ମଲ୍ଲିକ, ପଞ୍ଚାୟତ ପର୍ଯ୍ୟବେକ୍ଷକ ବିଜୟ ପଟ୍ଟନାୟକ, ବିଶ୍ୱଜିତ ଛୋଟରାୟ,ସରପଞ୍ଚ ଝିଲିଆ ସେଠୀ,ସମିତି ସଭ୍ୟ ସଙ୍ଗୀତା ବେହେରା,ପୂର୍ବତନ ସରପଞ୍ଚ ଜୟନ୍ତ ପାଟଶାଣୀ ଓ ବ୍ଲକ୍ ବିଜେଡି ସଭାପତି ଅଶୋକ ସାହୁଙ୍କ ସମେତ ସମସ୍ତ ଦଳୀୟ କର୍ମକର୍ତା ଏବଂ ସମର୍ଥିତ ଉପସ୍ଥିତ ଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray